# ଦାଦନ ସଚେତନା କାର୍ଯ୍ୟକ୍ରମ ଲୋକଦେଖାଣିଆ

**ଧର୍ମଗଡ଼, ୧୩।୧୧(ସମିସ):** ରାଜ୍ୟରେ କାମ ନ ପାଇ ବାହାର ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକଙ୍କ ଉପରେ ରୋକ୍ ଲଗାଇବାକୁ ଡବଲ ଇଞ୍ଜିନ ସରକାର ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଛନ୍ତି; ହେଲେ ଦାଦନ ରୋକିବାରେ ସରକାର ବିଫଳ ହୋଇଛନ୍ତି। କେବଳ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇ ପ୍ରଶାସନ ଚୁପ୍ ବସିଛି। ଦୈନନ୍ଦିନ ଶହ ଶହ ଦାଦନ ବାହାର ରାଜ୍ୟକୁ ଯାଉଛନ୍ତି। ଦାଦନ ଶ୍ରମିକଙ୍କ ଯାତ୍ରା ଅନବରତ ଲାଗି ରହିଛି। ପ୍ରଶାସନ ଓ ପୁଲିସ ପାଖରେ ଖବର ଥାଇ ବି କାର୍ଯ୍ୟାନୁଷ୍ଠାନ ଶୂନ। ଏହାକୁ ନେଇ ଡବଲ ଇଞ୍ଜିନ ସରକାର ଓ ପ୍ରଶାସନର ଦାଦନ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଉପରେ ଏବେ ପ୍ରଶ୍ନ ଉଠିଛି।

ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳ ସାଧାରଣ ଭାବେ ଦାଦନ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ଏହାକୁ ଆଖି ଆଗରେ ରଖି ଗତ କିଛିଦିନ ତଳେ ବେହେରାଠାରେ ଦାଦନ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଉପଖଣ୍ଡ ପୁଲିସ ଅଧିକାରୀ, ଥାନା ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଅଧିକାରୀମାନେ ନିଜ ଅଭିଭାଷଣରେ ଦାଦନ ଶ୍ରମିକ ଚାଲାଣ ଖବର ଶୁଣିବା ମାତ୍ରେ ପୁଲିସ ପ୍ରଶାସନ ଓ ଶ୍ରମ ବିଭାଗ ଚଢ଼ଉ କରି ଦଲାଲ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଏପରିକି ଦାଦନ ଶ୍ରମିକର ସମସ୍ତ ବିବରଣୀ ସହ ଫୋନ ନମ୍ବର ଆଦାୟ ଓ କେଉଁଠିକୁ ଯାଉଛନ୍ତି, କାହା ପାଖରେ କାମ କରୁଛନ୍ତି ସବୁ ତଥ୍ୟ ସଂଗ୍ରହ କରିବାକୁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯିବାକୁ ବକ୍ତବ୍ୟରେ କହିଥିଲେ। ଆଶା କରାଯାଉଥିଲା କାର୍ଯ୍ୟକ୍ରମ ଡେରିରେ ପଛେ ହେଉ ପ୍ରଶାସନ ଦାଦନ ପ୍ରତି ତତ୍ପରତା ପ୍ରକାଶ କରିଥିବା ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିଥିଲେ; ହେଲେ ପ୍ରଶାସନର ଏହି କାର୍ଯ୍ୟକ୍ରମ ଏବେ ପାଣି ଫୋଟକା ସାଜିଥିବା ନେଇ ଅଞ୍ଚଳରେ ଜୋର ସମାଲୋଚନା ଧରିଛି। ମୁଖ୍ୟତଃ ଧର୍ମଗଡ଼ ବ୍ଲକ ବେହେରା, ପର୍ଲା, ଗୋଡ଼ଭଞ୍ଜା ( ଗୋଲେଇ ଛକ), ଗୋଟୋମୁଣ୍ଡା ଆଦି ସ୍ଥାନରେ ଶହ ଶହ ଦାଦନ ଶ୍ରମିକ ନିଜ ପରିବାର ଧରି ବସ ଯୋଗେ ଯାଉଥିବା ଦେଖା ଦେଉଛି। ଶ୍ରମ ବିଭାଗଠାରୁ ଆରମ୍ଭ କରି ଏହି ଖବର ପୁଲିସ ପ୍ରଶାସନ ନିକଟରେ ରହିଛି; ହେଲେ କାର୍ଯ୍ୟାନୁଷ୍ଠାନ ବଦଳରେ ଦଲାଲ ସହ ସଲାସୁତୁରା ହୋଇ ଚାଲାଣ କରିବାରେ ସହଯୋଗ କରୁଥିବା ଅଞ୍ଚଳ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି।

## ଶିକ୍ଷା ବିଭାଗର ପୋଷାକ ବଣ୍ଟନ

# ଏଯାବତ୍ କାଁ ଭାଁ ସ୍କୁଲରେ ପହଞ୍ଚିଛି ପୋଷାକ

**ଭବାନୀପାଟଣା, ୧୩।୧୧(ସମିସ):**

ଛାତ୍ରଛାତ୍ରୀମାନେ ଦେଶର ଶୈକ୍ଷିକ ବ୍ୟବସ୍ଥାର ପ୍ରମୁଖ ଅଙ୍ଗ। ସେମାନଙ୍କର ଅଗ୍ରଗତି ଉପରେ ଦେଶର ବିକାଶ ନିର୍ଭର କରେ। ତେଣୁ ସେମାନଙ୍କର ପ୍ରଭୂତ ଅଭିବୃଦ୍ଧି ନିହାତି ଜରୁରୀ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା, ଟୋପି ଏବଂ ଅନ୍ୟ ସାମଗ୍ରୀ ବଣ୍ଟନ ଏବେ ରାଜ୍ୟ ଶିକ୍ଷା ବିଭାଗର ଏକ ଅଭିନବ ପ୍ରୟାସ ଭାବେ ରୂପେ କାର୍ଯ୍ୟ କରିଛନ୍ତି। ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ଆସିବାକୁ ଉତ୍ସାହିତ କରିବା ହିଁ ମୂଳ ଲକ୍ଷ୍ୟ। କିନ୍ତୁ ଏହି ପୋଷାକ ବଣ୍ଟନ ନୀତିରେ ଅନେକ ବିଲକ୍ଷଣ ଦେଖାଯାଉଛି। ମହିଳାମାନେ ସ୍ୱାବଲମ୍ବୀ ହେବେ ବୋଲି ସରକାରଙ୍କ ମହତ ଉଦ୍ଦେଶ୍ୟ କିପରି ଚରିତାର୍ଥ ହେବ ତାହା ଅନୁଧ୍ୟାନର ସମୟ ଆସିଛି। ଚଳିତ ବର୍ଷ ପୋଷାକ ବଣ୍ଟନ ବ୍ୟବସ୍ଥାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଏମଏସଏମଇ ମାଧ୍ୟମରେ ସିଲେଇ ୟୁନିଟ୍ ଥିବା ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇଛି। ବେପାରୀଙ୍କୁ ଏଥର ଦୁରେଇଦେଇ ଶିକ୍ଷା ବିଭାଗ ନୂଆ ନୀତି ଆପଣେଇଲେ। ତେଣୁ ଜିଲ୍ଲାର ୧୩ଟି ବ୍ଲକରେ ୧୩୮ଟି ଏସ୍‌ଏଚଜି ଓ ୭୮ଟି ଏମଏସ୍‌ଏମଇଙ୍କୁ ୩୫୨୫୮୬ଟି ପୋଷାକ ବଣ୍ଟନ ଲାଗି ଦାୟିତ୍ୱ ଦିଆଯାଇଛି। ତତସହିତ ହାଉସ ପୋଷାକ ରୂପେ ଟୋପି, ଜୋତା, ଆଇ କାର୍ଡ ଓ ଟି ସାର୍ଟ ସହ ଟ୍ରାକ ପେଣ୍ଟ ମଧ୍ୟ ଯୋଗାଇବା ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଜଣେ ଛାତ୍ର ପିଛା ୧୦୦୦ ଟଙ୍କା ସରକାର ଖର୍ଚ୍ଚ କରି ଆସୁଛନ୍ତି। ମିଶନ ଶକ୍ତି ଯୋଡିବା ପଛର କାରଣ ମହିଳାମାନେ

## ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପ୍ରହସନ

ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ। ଜିଲ୍ଲାର ୧୩ଟି ବ୍ଲକ ପାଇଁ ଏବାବଦରେ ଯଥାକ୍ରମେ ୧୦ କୋଟି ୭୬ଲକ୍ଷ ୯୭ହଜାର ୬ଟଙ୍କା ଏବଂ ୭କୋଟି ୮୨ ଲକ୍ଷ ୯୩ହଜାର ଟଙ୍କାର ଏକ ବଜେଟ ପ୍ରସ୍ତୁତ କରାଯାଇଥିଲା। ସେହି ଅନୁସାରେ ଟଙ୍କା ମଧ୍ୟ ଜିଲ୍ଲାରେ ପହଁଞ୍ଚିଛି। ଅସଲ କଥା ପୋଷାକ ସ୍କୁଲରେ କିଛି ବ୍ଲକରେ ବଣ୍ଟା ଯାଇନଥିବା ବେଳେ ଅନ୍ୟ କେତେକ ବ୍ଲକରେ କାଁ ଭାଁ ବଣ୍ଟନ ହୋଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ପ୍ରାୟତଃ ଅଗଷ୍ଟ ପନ୍ଦର କିମ୍ବା ଶିଶୁ ଦିବସ ପୂର୍ବରୁ ଛାତ୍ର ଛାତ୍ରୀମାନେ ନୂଆ ପୋଷାକ ପରିଧାନ କରି ସ୍କୁଲ ଆସିଥାନ୍ତି। ବିଡମ୍ବନା ଏହା ଯେ କେତକ ସ୍କୁଲର ପ୍ରଧାନଶିକ୍ଷକ ଟ୍ୟାଗ୍ ହୋଇଥିବା ଏସ୍‌ଏଚଜି ଗ୍ରୁପ ଖୋଜୁଛନ୍ତି। ଅନ୍ୟପକ୍ଷରେ ବ୍ୟବସ୍ଥା ଏମିତି ହୋଇଛି ସ୍କୁଲ ଥିବା ଅଞ୍ଚଳର ଏସ୍‌ଏଚଜି ଗ୍ରୁପକୁ ନଦେଇ ଅନ୍ୟ ପଞ୍ଚାୟତର ଗ୍ରୁପକୁ ମାର୍କ କରାଯାଇଛି। ଅନ୍ୟପକ୍ଷରେ କେତୋଟି ଗ୍ରୁପ ବାଉଳା ଚାଉଳା ହୋଇ ଶେଷରେ ସେହି ପୁରୁଣା ପୋଷାକ ଯୋଗାଉଥିବା ଭେଣ୍ଡର ନିକଟରେ ପହଁଛି ମୂଳ ଚାଲ କରୁଥିବା ନଜିର ରହିଛି। ଯଦି ଏସେଚଜି ଗ୍ରୁପ ପୂନର୍ବାର ବେପାରୀଙ୍କ ଦ୍ୱାରସ୍ଥ ହେବେ ତାହା ହେଲେ ମହିଳାମାନେ କି ପରିସ୍ଥିତିରେ ଆତ୍ମସ୍ୱାବଲମ୍ବୀ ହେଇପାରିବେ ବୋଲି ପ୍ରଶ୍ନ ଉଠୁଛି। ଏହି ଯୋଜନାରେ ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଡାକି ଏଗ୍ରିମେଣ୍ଟ କରାଇଦେଲେ। ଗାଇଡ୍‌ଲାଇନ ଅନୁସାରେ ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସଭାପତି ଚାହିଁଲେ ପୋଷାକର ମାନ ନିର୍ଦ୍ଧାରଣ କରିବେ ଯଦି ନିମ୍ନମାନର ପୋଷାକ ହୋଇଥିବ ତେବେ ବାତିଲ କରିଦେବାର ନିୟମ ରହିଛି। କିନ୍ତୁ ସମଗ୍ର ବ୍ୟବସ୍ଥାରେ ସ୍କୁଲ ପରିଚାଳନା କମିଟି ସଭାପତିଙ୍କ କ୍ଷମତାକୁ ସମ୍ପୂର୍ଣ୍ଣ ଗୌଣ କରିଦିଆଯାଇଛି। ପୋଷାକ ବଣ୍ଟନରେ ଯେଉଁଭଳି ବିଳମ୍ବ ହେଲାଣି ସେଥିରେ ଷଷ୍ଠ ଓ ଅଷ୍ଟମ ଛାତ୍ରଛାତ୍ରୀମାନେ ମାତ୍ର ୩/୪ମାସ ପୋଷାକ ପରିଧାନ କରିବେ କି ନାହିଁ ସନ୍ଦେହ। କାରଣ ମାର୍ଚ୍ଚରେ ସ୍କୁଲ ଗୁଡିକରେ ପରୀକ୍ଷା ଆରମ୍ଭ ହୋଇଥାଏ। କଳାହାଣ୍ଡିର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଦ୍ୱାରା ଉପସ୍ଥାନବୃଦ୍ଧି ସହ ବିଦ୍ୟାଳୟର ଉପସ୍ଥାନ ହାର ବୃଦ୍ଧି ପାଇବା ଆଶା ମଉଳି ଯାଉଛି। ରାଜ୍ୟ ସରକାରଙ୍କ ତରଫରୁ ପ୍ରଚଳିତ ମାର୍ଗଦର୍ଶିକା ଅନୁଯାୟୀ ଯାହା କରିବା କଥା ତାହା ହେଉନାହିଁ। ପୋଷାକଗୁଡିକର ଉତ୍ତମମାନ ନିର୍ଦ୍ଧାରଣ ସହ ବଣ୍ଟନ ବେଳେ ଅନେକ ବିଦ୍ୟାଳୟରେ ଖୋଦ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି, ସମାଜସେବୀ ଉପସ୍ଥିତ ରହିବା ମଧ୍ୟ ଏକ ସୁସ୍ଥ ପରମ୍ପରାର ବାର୍ତ୍ତା ଦେଇପାରେ।ତେଣୁ ସ୍କୁଲ ପରିଚାଳନା କମିଟି ଏଥିପ୍ରତି ସଜାଗ ହେଲେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଶୃଙ୍ଖଳିତ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ନିଲଜୀରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା



**ସିନାପାଲି,୧୩।୧୧(ସମିସ):** ସିନାପାଲି ବ୍ଲକସ୍ତରୀୟ ବିଜ୍ଞାନ ମେଳା ୨୦୨୪ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ନିଲଜୀ ଠାରେ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ଗୋଷ୍ଠୀ ଶିକ୍ଷାକେନ୍ଦ୍ର ତଥା ସିନାପାଲି ବିଜ୍ଞାନ ଫୋରମ୍ ପକ୍ଷରୁ ଆୟୋଜିତ ଏହି ବିଜ୍ଞାନ ମେଳାର ଉଦଘାଟନୀ ସମାରୋହରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମଣ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବୀରେନ୍ଦ୍ର ଖମାରୀ, ସରପଞ୍ଚ ଖର୍ସେଲ ଗ୍ରା ପ, ପ୍ରଦୀପ ପଣ୍ଡା ପ୍ରଧାନଶିକ୍ଷକ, ଟିମନପୁର, ରାକେଶ ମିଶ୍ର ସିଆରସିସି ମଞ୍ଚାସୀନ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଧାନ ଶିକ୍ଷକ ପିତାମ୍ବର ଟୋଲଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝୀ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜିତା ମିତ୍ର, ଉଚ୍ଚ ବିଦ୍ୟାଳୟ କପିଳେଶ୍ୱର ପାତ୍ର ଯୋଗଦେଇଥିଲେ। ବିଜ୍ଞାନ ଫୋରମ ସମ୍ପାଦକ ସତ୍ୟବାନ ମେହେର ବିବରଣୀ ଉପସ୍ଥାପନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଏବଂ ବିଜ୍ଞାନ ଶିକ୍ଷା ନିରୀକ୍ଷକ ଗିରିଧାରୀ ସା ଓ ପ୍ରାଥମିକ ଶିକ୍ଷକ ସଂଘ ସଭପତି ପ୍ରସନ୍ନ କୁମାର ମାଝୀ ଯୋଗଦେଇଥିଲେ। ପରିଶେଷରେ ରାକେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ମେଳାରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ପ୍ରାୟ ୮୫ ଗୋଟି ପ୍ରକଳ୍ପ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବରେ କଳାହାଣ୍ଡି ଜିଲ୍ଲାରୁ ବିଜ୍ଞାନ ଶିକ୍ଷକ ଶକ୍ତିପ୍ରସାଦ ମେହେର, ତେଜେଶ୍ୱର ସାହୁ, ପ୍ରଶାନ୍ତ ନନ୍ଦ ଏବଂ ସୁଧାଂଶୁ ଶେଖର ପଣ୍ଡା ବିଭିନ୍ନ ବିଭାଗରୁ ୧୪ଗୋଟି ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ନିମନ୍ତେ ଚୟନ କରିଥିଲେ। କୃତୀ ପ୍ରତିଭାଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ● ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ

# ପାଣି ପଞ୍ଚାୟତ ନିର୍ବାଚନ ସ୍ଥଗିତ ପାଇଁ ଦାବି

**ନୂଆପଡ଼ା, ୧୩।୧୧ ( ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ( ପତୋରା ଡ୍ୟାମ)ରେ ପାଣି ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ କରି ୩ ମାସ କାଳ ଘୁଞ୍ଚାଇବାକୁ ଦାବି ହୋଇଛି। ବର୍ତ୍ତମାନ ଖରିଫ ଧାନ ଚାଷ ଅମଳ ସମୟ ହେତୁ ଚାଷୀ ଏଥିରେ ଅଂଶଗ୍ରହଣ କରିବାରେ ଅସୁବିଧା ହେବ ବୋଲି ଏହାକୁ ଘୁଞ୍ଚାଇବାକୁ ଦାବି କରାଯାଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଡାକ ଯୋଗେ ଚାଷୀମାନେ ଦାବି ଜଣାଇଛନ୍ତି । ପ୍ରକାଶ ଯେ, ଏହି ଡ୍ୟାମର ରବି ଏବଂ ଖରିଫ ଚାଷ ସକାଶେ ଜଳର ସୁଷମ ବଣ୍ଟନ ସକାଶେ ମୋଟ ୨୦ ଗୋଟି ପାଣି ପଞ୍ଚାୟତ ଗଠନ କରାଯାଇଛି। ଏଗୁଡିକର ଗଠନ ସହ ନିର୍ବାଚନ ପ୍ରକ୍ରିୟା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହୋଇଥାଏ । ବିଗତ ଦିନରେ କିଛି ପାଣି ପଞ୍ଚାୟତର ନିର୍ବାଚନ ପ୍ରକ୍ରିୟା ଚାଲିଥିଲା । ଏପରିକି ଚକ ମେମ୍ବର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିଲା। ହେଲେ ହାଇକୋର୍ଟ ବର୍ତ୍ତମାନ ସମସ୍ତ ପାଣି ପଞ୍ଚାୟତର ନିର୍ବାଚନ କରାଯିବାକୁ ନିର୍ଦ୍ଦେଶ କରିଥିବା ବେଳେ ନୂଆପଡ଼ା ଜଳସେଚନ ବିଭାଗ ତରଫରୁ ପତ୍ରାଙ୍କ ସଂଖ୍ୟା ୨୦୪୦/୨୯/୧୦/୨୪ ଅନୁଯାୟୀ ପାଣି ପଞ୍ଚାୟତ ଅଧିନିୟମ ୨୦୦୨ ଏବଂ ୨୦୦୩ ଅନୁସାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯିବାକୁ ଜୋଙ୍କ ଜଳସେଚନ ପ୍ରକଳ୍ପ ଅଧୀନସ୍ଥ ସମସ୍ତ ଚାଷୀମାନଙ୍କୁ ସୂଚୀତ କରାଯାଇଛି। ଏଥିସକାଶେ ଭୋଟର ତାଲିକା ସଂଶୋଧନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ କୌଣସି ପ୍ରକାର ଆପତ୍ତି ଅଭିଯୋଗ ନଭେମ୍ବର ମାସ ୧୫ ତାରିଖ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପର ଚାଷୀମାନଙ୍କ ତରଫରୁ ଚାଷ ସମୟ ହେତୁ ଚାଷୀଙ୍କ ଅଂଶଗ୍ରହଣରେ ବାଧା ସୃଷ୍ଟି ହେଉଛି ବୋଲି ଏହାକୁ ଆହୁରି ତିନି ମାସ ପର୍ଯ୍ୟନ୍ତ ଘୁଞ୍ଚାଇବାକୁ ନିବେଦନ କରାଯାଇଛି। ଚାଷୀମାନଙ୍କ ତରଫରୁ ଗୁଲାବ ଚନ୍ଦ ସାହୁ, ବେଣୁଧର ସାହୁ, ଅଭୋରାମ ମାଝୀ, ବିକାଶ ସାହୁ, କୈଳାସ ଦେୱାଙ୍ଗନ, ହେମରାଜ ପଟେଲ, ରାଜା ମାଝୀ, ତୁଳସା ମାଝୀ, ଡମ୍ବୁ ମାଝୀ, ସବିତା ମାଝୀ, ଘୁନାରୁ ମାଝୀ, ଲାଲାରାମ ମାଝୀଙ୍କ ସମେତ ଶତାଧିକ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରେରଣ କରାଯାଇଛି । ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରାଯାଇଛି।

## ■ ଖଡ଼ିଆଳ ବ୍ଲକ୍ କାର୍ଯ୍ୟାଳୟରେ ବିଭିନ୍ନ ଯୋଜନାର ସମୀକ୍ଷା କଲେ ଜିଲ୍ଲାପାଳ

# ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ



**ଖଡ଼ିଆଳ, ୧୩।୧୧(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଖଡ଼ିଆଳ ବ୍ଲକ୍ କାର୍ଯ୍ୟାଳୟ ପରିଦର୍ଶନରେ ଆସି ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟାନ୍ୱୟନ ଉପରେ ସମୀକ୍ଷା କରିଛନ୍ତି। ଖଡ଼ିଆଳ ବ୍ଲକରେ ଶ୍ରମିକମାନଙ୍କ କର୍ମଯୋଗାଣକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ସେସବୁ କେତେଦୂର କାର୍ଯ୍ୟକାରୀ ହେଉଛି, ସେ ଉପରେ ଗୋଟି ଗୋଟି କରି ତଥ୍ୟ ସଂଗ୍ରହ କରିଥିଲେ। କାମ ଗୁଡିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳଙ୍କ ସହ ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଖଡିଆଳ ବିଡିଓ ବୀରସେନ ବେହେରା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କ ସମେତ ସମସ୍ତ ଅଧିକାରୀ, ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ



**ଖଡ଼ିଆଳ, ୧୩।୧୧(ସମିସ):** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୫ତମ କ୍ରୀଡ଼ା ମହୋତ୍ସବ ଉଦଯାପିତ ହୋଇଯାଇଛି। ପ୍ରଥମ ଦିନରେ ମା' ସମଲେଶ୍ୱରୀଙ୍କ ପୀଠରୁ ଜ୍ୟୋତି ମଶାଲକୁ ଅଧ୍ୟାପକ ହରିହର ବେସରାଙ୍କଠାରୁ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ନିଳାମ୍ବର ବାଗ ଗ୍ରହଣ କରିଥିଲେ। ତାପରେ ବାଗଙ୍କ ନିକଟରୁ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ଗ୍ରହଣ କରିଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଉଜ୍ଜ୍ୱଳ ଗୁପ୍ତା ,ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପାଢୀ ଯୋଗଦେଇଥିଲେ। ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ତରୁଣ କୁମାର ପ୍ରଧାନ , କ୍ରୀଡ଼ା ସଂସଦର ଉପସଭାପତି ତଥା ଯୁକ୍ତ ଦୁଇ ଅଧ୍ୟକ୍ଷ ଅଧ୍ୟାପକ ଡ. ରଣବୀର ସିଂ, କ୍ରୀଡ଼ା ଶିକ୍ଷକ ତଥା ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା ,ପ୍ରାଧ୍ୟାପିକା ରୀତା ଦାଶ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢୀ , ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ,ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର , ଅଧ୍ୟାପକ ଡ. ସୁରଞ୍ଜନ ପ୍ରଧାନ ,ଅଧ୍ୟାପକ ଡ. ଶୁଭାଶିଷ ବାରିକ ,ଅଧ୍ୟାପକ ରମାକାନ୍ତ ସିଂ ସାହାଣୀ, ଅଧ୍ୟାପକ ଦୁର୍ଯ୍ୟୋଧନ ଭୋଇ ,ଅଧ୍ୟାପକ ଗୁଣବନ୍ତ ସାହୁ , ଅଧ୍ୟାପକ ରାଜ କୁମାର ରତେ , ଅଧ୍ୟାପକ ଚିତ୍ତରଞ୍ଜନ ଜେନା ,ଅଧ୍ୟାପିକା ବିୟୁଟି ଅଗ୍ରୱାଲ ,ଅଧ୍ୟାପିକା ରାଜେଶ୍ୱରୀ କରୁଆଁ ,ଅଧ୍ୟାପିକା ଲିପ୍ସା ବାରିକ ,ଅଧ୍ୟାପକ ଶୁଭେନ୍ଦୁ ନିଆଲ , ଅକ୍ଷୟ ଦାଶ , ରୀତା ବାରିକ, ଧବଳେଶ୍ୱର ନାୟକ ପ୍ରମୁଖ ଯୋଗଦେଇଥିଲେ।

# କାର୍ତ୍ତିକେୟଙ୍କ ପୂଜା ପାଇଁ କଳସ ଯାତ୍ରା



**ସିନାପାଲି,୧୩।୧୧ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋର୍ଲା ଗ୍ରାମ ପଞ୍ଚାୟତର ପଡିଆଲପଡ଼ା ଗ୍ରାମରେ ଦ୍ୱିତୀୟ ଶ୍ରୀ କାର୍ତ୍ତିକ ମହୋତ୍ସବ ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କଳସ ଯାତ୍ରାରେ ପ୍ରଥମେ ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ସ୍ଥାନୀୟ ଉଦନ୍ତି ନଦୀକୁ ଯାଇ କଳସରେ ପାଣିଆଣି ପୂଜା ମଣ୍ଡପ ରେ ସ୍ଥାପନ କରିଥିଲେ। ଏହି ପୂଜା ୧୩ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଉକ୍ତ ପୂଜାର କର୍ତ୍ତା ଭାବରେ ଟିକେଲାଲ ମାଝୀ ଓ ତାଙ୍କ ଧର୍ମପତ୍ନୀ ଧନମତି ମାଝୀ ଦାୟିତ୍ୱ ତୁଲାଇଛନ୍ତି। ପୂଜକ ସୁଶାନ୍ତ ପାଢ଼ୀ ଓ ତାଙ୍କ ସହଯୋଗୀ ପବିତ୍ର ପ୍ରସାଦ ପାଢ଼ୀ ରିତି ନୀତି ସହ ପୂଜାର୍ଚ୍ଚନା କରି ଉକ୍ତ ପୂଜାଟିକୁ ଆଗେଇ ନେଇଛନ୍ତି। କାର୍ତ୍ତିକ ମାସରେ ଅନେକ ହବିଶ୍ୟାଳୀ ପ୍ରଭୁ କାର୍ତ୍ତିକେୟଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଏହି ଯାତ୍ରାରେ ଘଣ୍ଟ ଦଳର ଘଣ୍ଟ ବାଦ୍ୟ ଓ ହୁଳହୁଳି ହରି ବୋଲ ଧ୍ୱନିରେ ପଡିଆଲପଡା ଗାଁ କମ୍ପି ଉଠିଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂଜା କମିଟିର ସଂପାଦକ ଦୀନବନ୍ଧୁ ମାଝୀ,କୋଷାଧକ୍ଷ ଚନ୍ଦ୍ରକାନ୍ତ ମାଝୀ,ପୂର୍ବତନ ସଭାପତି ତୁପଲେଶ୍ୱର ମାଝୀ, ପୂଜା କମିଟିର କର୍ମକର୍ତ୍ତା ଗଣେଶ ମାଝୀ ,ଚନ୍ଦ୍ରଧ୍ୱଜ ମାଝୀ ,ମହେନ୍ଦ୍ର ମାଲି ,ବିଶିକେଶ ମାଝୀ ,ଭକ୍ତ କାଣ୍ଡ ,ରିଖିରାମ ମାଝୀ, ଅଭିରାମ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଦର୍ଶକଙ୍କ ପାଇଁ ପ୍ରତ୍ୟେକ ରାତ୍ରରେ ମନୋରଞ୍ଜନ କାର୍ଯ୍ୟକ୍ରମ ନାଟକ ପରିବେଷିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

# ପୋଷାକ ବଣ୍ଟନ ମେଳା ଓ ବିଦାୟକାଳୀନ ସମ୍ବର୍ଦ୍ଧନା



**ଭବାନୀପାଟଣା, ୧୩।୧୧(ସମିସ):** ବଙ୍କାପଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଛି। କଳମପୁର ଏବିଇଓ ସୁଶୀଲ ମୁଣ୍ଡ, ସିଆର୍‌ସିସି ମନୋଜ ମେହେର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସମସ୍ତ ସଦସ୍ୟ ସଦସ୍ୟା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଏବିଇଓ ସୁଶାନ୍ତ ଖମାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁରଭି-୨୦୨୪ ଜିଲ୍ଲାସ୍ତରରେ ଜୁନିୟର ସଙ୍ଗୀତ ବିଭାଗରେ ସାଗରିକା ବିହାର ୨ୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମଧ୍ୟ ଏହି ଅବସରରେ ମାନପତ୍ର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ଭୋଇ ସଭାପତିତ୍ୱ କରିଥଲେ। ଶିକ୍ଷକ ପ୍ରମୋଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁଢ଼ଳଦେବ ସାହୁ, ନିମାନ ଲହଜଲ, ସନାତନ ନିଆଲ, ସୌମ୍ୟକାନ୍ତ ମେହେର, ପ୍ରେମାଞ୍ଜଳି ବାଗ, ନମିତା କୁମାର ଉପସ୍ଥିତ ଥିଲେ।

## ତୃତୀୟ ଆନ୍ତଃମହାବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

# କର୍ଲାପଡ଼ାକୁ ହରାଇ ତୁକଲା ମହାବିଦ୍ୟାଳୟ ଚାମ୍ପିଅନ



**ଧର୍ମଗଡ଼, ୧୩।୧୧(ସମିସ):**

ଧର୍ମଗଡ଼ ଖେଳ ପଡ଼ିଆରେ ଗତ ତିନିଦିନ ଧରି ଚାଲି ଥିବା ତୃତୀୟ ଆନ୍ତ ମହାବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଧୀନ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ୧୯ଟି ମହାବିଦ୍ୟାଳୟର ଫୁଟବଲ ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଏହି ପ୍ରତିଯୋଗିତାର ଆୟୋଜନ କରିଥିଲା। ଉଦ୍‌ଘାଟନୀ ଦିବସରେ ଧର୍ମଗଡ଼ ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟ ଅତିଥି, ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ ରାଓ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ଦିବସରେ ଦୁଇଟି ସେମି ଫାଇନାଲ ମ୍ୟାଚ୍ ସହ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ସେମି ଫାଇନାଲ ମ୍ୟାଚ ସାନଚେର ଗାଁ ଓ କର୍ଲାପଡ଼ା ମହାବିଦ୍ୟାଳୟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ଲାପଡ଼ା ଦଳ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ତୁକଲା ଓ ବୋଡ଼େନ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତୁକଲା ଦଳ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ କର୍ଲାପଡ଼ା ଓ ତୁକଲା ଦଳ ମଧ୍ୟ ରେ ଅନୁଷ୍ଠିତ ହୋଇଥିଲା। ତୁକଲା ଦଳ ୧-୦ ଗୋଲରେ କର୍ଲାପଡ଼ାକୁ ହରାଇ ଚାମ୍ପିଅନ ହୋଇଥିଲା।

ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ ମୁଣ୍ଡ, ଅଧ୍ୟାପକ ଲିଙ୍ଗରାଜ ପାତ୍ର, ମାଧବ ଲହଜଲ, ସାମ୍ବାଦିକ ବୈଦ୍ୟନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୧୮ଟି ମ୍ୟାଚ ଖେଳା ଯାଇଥଲା। କ୍ରୀଡ଼ା ଶିକ୍ଷକ ଅଭୟ ବାଗ, ସନ୍ତୋଷ ପାଣିଗ୍ରାହୀ, ନିର୍ମଳ ଦଣ୍ଡସେନା, ଶଙ୍କର ପୋଡ଼, ନବୀନ ବର୍ଗଡ଼ି, ଚଞ୍ଚଳ ମାଝୀ ଓ ସ୍ୱାଧୀନ ଦଣ୍ଡସେନା ଖେଳ ପରିଚାଳନା କରିଥିଲେ।

# ଲୁହାଛଡ଼ ଚୋରିକରି ଜେଲ ଗଲେ ୮ ଯୁବକ

**କେସିଙ୍ଗା, ୧୩।୧୧(ସମିସ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଡୁମେରମୁଣ୍ଡାସ୍ଥିତ କେସିଙ୍ଗା ଏନ୍‌ଏସିର ଆବର୍ଜନା ଗୃହରୁ ଲୁହା ଛଡ ଚୋରି ଘଟଣାରେ ୮ଜଣଙ୍କୁ ପୁଲିସ ଗିରଫ କରିଛି। ଅଭିଯୋଗକୁ ଆଧାର କରି କେସିଙ୍ଗା ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏମାନେ ହେଲେ ଛବି ତାଣ୍ଡି (୨୯), କାମଦେବ ସୁନା (୨୦), ଲିଙ୍ଗ ସୁନା (୩୨), ସୁନ୍ଦର ସିଂ ହରିଜନ (୨୩), ଧର୍ମେନ୍ଦ୍ର ହରିଜନ (୩୦), ସୀତାକାନ୍ତ କରୁଆଁ (୨୦), ଜିତେନ୍ଦ୍ର ହରିଜନ (୨୭) ଓ ପ୍ରଫୁଲ୍ଲ ପାୟା ସିଂ (୩୬)। ଏମାନଙ୍କ ମଧ୍ୟରୁ ୭ ଜଣ ଡୁମେରମୁଣ୍ଡା ଗ୍ରାମର ବାସିନ୍ଦା ହୋଇଥିବା ବେଳେ ଜଣେ ସିରୋଲ ଗାଁର। ସେମାନଙ୍କ ନିକଟରୁ ଲୁହା ଛଡ଼ ଓ ଗୋଟିଏ କଟର ମେସିନ ଜବତ ହୋଇଛି।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ; ଦୁଇ ଗୁରୁତର

**ବୌଦ୍ଧ, ୧୩।୧୧(ସମିସ):** ବୌଦ୍ଧ ଜଗନ୍ନାଥ ସଡ଼କ ପରଗଲପୁର ନିକଟରେ ବାଇକ୍ ଦୁର୍ଘଟଣାର ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସରସରା ଗ୍ରାମର ବାଳୀ ସ୍ୱାଇଁ। ଓଲଣ୍ଡା ଗ୍ରାମର ରତନ ସ୍ୱାଇଁ ଓ ସାମ୍ଭୋଚ ଗ୍ରାମର ଭଞ୍ଜ ସ୍ୱାଇଁ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି। ଏମାନେ କୈଳାଶୀ ଯାତ୍ରା ଦେଖିବା ପାଇଁ ରାମଗଡ଼ ଯାଇ ବିଳମ୍ବିତ ରାତିରେ ଫେରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ଇଂ ଶରତ ଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୦୧.୦୪.୧୯୪୦
ତିରୋଧାନ: ୦୩.୧୧.୨୦୨୪

ବିଶ୍ୱ ବ୍ୟାଙ୍କ ସହାୟତାରେ, ଓଡ଼ିଶା ସ୍ୱାସ୍ଥ୍ୟ ଉନ୍ନତିକରଣ ପ୍ରକଳ୍ପରେ ସ୍କାଗ, ଭୁବନେଶ୍ୱର ତରଫରୁ ଅବିଭକ୍ତ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟରେ ପ୍ରକଳ୍ପ ସଂଯୋଜକ ରୂପେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସ୍କାଗର ପ୍ରଗତି ପଥରେ ବିଗତ ୨୫ ବର୍ଷରେ ଆପଣଙ୍କର ବୈଷୟିକ ଜ୍ଞାନର ଅନୁଭୂତି ଓ କାର୍ଯ୍ୟ ସଂପାଦନ ପାଇଁ ଆମେ ସମସ୍ତେ କୃତଜ୍ଞ ଓ ଆମ ସମସ୍ତଙ୍କର ଚିର ନମସ୍ୟ । ଆପଣଙ୍କ ବିୟୋଗରେ ସ୍କାଗ ପରିବାର ଅତ୍ୟନ୍ତ ମର୍ମାହତ ଓ ଶୋକାଭିଭୂତ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

ସ୍କାଗ ପରିବାର
M/s Senior Consultant & Advisor Group (SCAG), Bhubaneswar.

# ୪୫୦ କେଜି ମହୁଲ ଫୁଲ ଜବତ; ୨ ଗିରଫ





ବଣାଇଁ, ୧୩।୧୧(ସମିସ): ବଣାଇଁ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂବେଳେ ଟିକାୟତ ପାଲି ଥାନା ବରଘାଟ ନିକଟରେ ଏକ ଅଟୋରେ ମହୁଲ ଚୋରା ଚାଲାଣ ହେଉଥିବା ସନ୍ଦେହରେ ପୁଲିସ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେଥିରେ ୨୪୦ କେଜି ମହୁଲ ଫୁଲ ଥିବା ଦେଖିବାକୁ ପାଇଥିଲେ। ମହୁଲ ଫୁଲ ସହ ଅଟୋକୁ ଜବତ କରି ବରଘାଟ ଗ୍ରାମର ରବିନାରାୟଣ ଓରାମ(୩୨)କୁ ଗିରଫ କରିଥିଲେ। ସେହିପରି କୁଲକୁତା ଗ୍ରାମର କୁମୁଦ କିସାନ (୬୨) ଏକ ବାଇକ୍ ଯୋଗେ ୨୧୦ କେଜି ମହୁଲ ଏବଂ ୬୦ କେଜି ପାଖାପାଖି ପୋଚ ନେଇ ଚୋରା ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲେ। ଗିରଫ କରିବା ପରେ ଉଭୟଙ୍କ ନାଁରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ୩୫ ହଜାର ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା

- ଆର୍‌ଏସ୍‌ପି-ଅକ୍ଷୟ ପାତ୍ର ଏମ୍‌ଓୟୁ ନବୀକରଣ
- ବାର୍ଷିକ ୨.୮ କୋଟି ଖର୍ଚ୍ଚ କରିବ ଆର୍‌ଏସ୍‌ପି



ରାଉରକେଲା, ୧୩।୧୧(ସମିସ)

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ଏବଂ ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ମଧ୍ୟରେ ନଭେମ୍ବରରେ ୧୧ରେ ପୂର୍ବ ଏମ୍‌ଓୟୁର ନବୀକରଣ କରାଯାଇଛି। ଯେଉଁଥିରେ ପ୍ରତି କାର୍ଯ୍ୟ ଦିବସରେ ପ୍ରାୟ ୩୫ ହଜାର ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି। ସିଏସ୍‌ଆର୍ ବିଭାଗର ପାଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଆୟୋଜିତ ଏକ ବୈଠକରେ ସହର ପ୍ରଶାସନ ଓ କୋର୍ପୋରେଟ୍ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି କେ ସ୍ୱାଇଁ ଏବଂ ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ଅପରେସନ୍ସ ଓଡ଼ିଶା ଜୋନ୍‌ର ଏଚ୍‌ଆର୍ ବିଭାଗର ଜିଏମ୍ ଅରବିନ୍ଦ ଲେଙ୍କା ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଉଭୟ ସିଏସ୍‌ଆର୍ ଏବଂ ଓଡ଼ିଶା ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ରର ଅବଧି ୩ ବର୍ଷ ରହିଛି। ଯେଉଁଥିରେ ଲାଠିକଟା ଏବଂ ବିଶ୍ରା ବ୍ଲକ ଅଧୀନରେ ଥିବା ସରକାରୀ ଏବଂ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ୩୫ ହଜାର ସ୍କୁଲ ପିଲା ଉପକୃତ ହେବେ। ଏଥିନିମନ୍ତେ ଆର୍‌ଏସ୍‌ପି ବାର୍ଷିକ ପ୍ରାୟ ୨.୮ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବ। ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ଇସ୍ପାତ କାରଖାନା, ଅକ୍ଷୟ ପାତ୍ର ଫାଉଣ୍ଡେସନ ଏବଂ ଓଡ଼ିଶା ସରକାରଙ୍କ ମିଳିତ ପ୍ରୟାସରେ ୨୦୧୪ ମସିହାରୁ ରାଉରକେଲାରେ ଅକ୍ଷୟ ପାତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଆର୍‌ଏସ୍‌ପି ସମ୍ପୂର୍ଣ୍ଣ ସୁବିଧାର ସ୍ଥାପନା ନିମନ୍ତେ ପ୍ରାୟ ୮.୨୪କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିଛି।

## ୧୯ତମ ଶିଶୁ ମହୋତ୍ସବ ୧୮ରୁ

ରାଉରକେଲା, ୧୩।୧୧(ସମିସ): ଆର୍‌ଏସ୍‌ପି ଆନୁକୂଲ୍ୟରେ ରାଉରକେଲା କଳା ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ସ୍ପନ୍ଦନ ମିଳିତ ସହଯୋଗରେ ଆଗାମୀ ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ସିଭିକ୍ ସେଣ୍ଟର୍ ଠାରେ ୧୯ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହେବ। ଶିଶୁଙ୍କ ଭିତରେ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ କ୍ଷୁଦ୍ର ନାଟକ ପରିବେଷଣ ହେବ। ଏହାସହ ପ୍ରଥମ ଶ୍ରେଣୀରୁ ଦଶମ ଯାଏଁ ସିନିୟର୍, ଜୁନିଅର ଗ୍ରୁପରେ ଦଳଗତ ନୃତ୍ୟ ପରିବେଷଣ ହେବ। ୧୮ ତାରିଖ ଅପରାହ୍ନ ୨ଟାରୁ ପ୍ରଥମ ପର୍ଯ୍ୟାୟ କ୍ଷୁଦ୍ର ନାଟକ ହେବ। ଏଥିରେ ମଧୁସୂଦନ ଶିକ୍ଷା ନିବାସ, ବାଜି ରାଉତ ଶିକ୍ଷା ନିକେତନ, ସେଣ୍ଟ ଜୋସେଫ ସ୍କୁଲ, ଦୀପିକା ଇଂରାଜୀ ମାଧ୍ୟମ ସ୍କୁଲ, ବିବେକାନନ୍ଦ ଶିକ୍ଷା ସଦନ, ଡିଏଭି ପବ୍ଲିକ ସ୍କୁଲ, ଇଣ୍ଡୋ ସ୍କୁଲ, କବିବର ରାଧାନାଥ ରାୟ ବିଦ୍ୟାପୀଠ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ। ୧୯ ତାରିଖ କ୍ଷୁଦ୍ର ନାଟକରେ ଚିନ୍ମୟ ବିଦ୍ୟାଳୟ, ଶ୍ରୀଅରବିନ୍ଦ ବିଦ୍ୟାଳୟ, ସେଣ୍ଟ ପଲସ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ ଅଂଶ ଗ୍ରହଣ କରିବ। ଶେଷ ଦିନ ଅପରାହ୍ନ ସାଢ଼େ ୫ଟା ବେଳେ ଅନ୍ତଃବିଦ୍ୟାଳୟ ଦଳଗତ ନୃତ୍ୟ ପ୍ରତିଯୋଗିତା ହେବ। ଉଭୟ ସିନିୟର୍ ଜୁନିଅର ଅଂଶ ଗ୍ରହଣ କରିବେ। ଉଦଯାପନୀ ଉତ୍ସବରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ସହରବାସୀ ଯୋଗ ଦେବାକୁ ନିବେଦନ କରାଯାଇଛି।

## ୧୫ରେ କୋଏଲ୍ କ୍ଲବ୍ ପକ୍ଷରୁ ବୋଇତବନ୍ଦାଣ ଉତ୍ସବ

ରାଉରକେଲା, ୧୩।୧୧(ସମିସ): କୋଏଲ କ୍ଲବ ପକ୍ଷରୁ ବୋଇତବନ୍ଦାଣ ଉତ୍ସବ ଆସନ୍ତା ୧୫ ତାରିଖରେ ଆୟୋଜିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଉକ୍ତ ଉତ୍ସବରେ ସେକ୍ଟର-୨୦ସ୍ଥିତ ବୈକୁଣ୍ଠଘାଟରେ ଏକ ଉତ୍କଳୀୟ ସଂସ୍କୃତିର ନୌବାଣିଜ୍ୟକୁ ମନେ ପକାଇ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ, ଶିଳ୍ପପତି ଦିପ୍ତୀ ରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଶ୍ରମିକ ନେତା ପ୍ରଶାନ୍ତ ବେହେରା, ରାଉରକେଲା ଇସ୍ପାତ କାରଖାନର ପ୍ରାକ୍ତନ ଅଧିକାରୀ ନିକୁଞ୍ଜ କିଶୋର ନନ୍ଦ, ପିଙ୍କୁ ଜୟସ୍ୱାଲ, ତାପସ ଆଚାର୍ଯ୍ୟ, ଅଶୋକ ରଥ ଓ ଅବନୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କୋଏଲ କ୍ଲବ ତରଫରୁ ବରିଷ୍ଠ ସଦସ୍ୟା ଜୟଶ୍ରୀ ପାଣିଗ୍ରାହୀ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେବା ସହିତ ଏ ଭବ୍ୟ ଉତ୍ସବର ଆନନ୍ଦ ନେବାକୁ ଅନୁରୋଧ କରିଛନ୍ତି।

## ଡିସେମ୍ବର ୨ରୁ ଦ୍ୱିତୀୟ ଇସ୍ପାତ ନାଟକ ମହୋତ୍ସବ



ରାଉରକେଲା, ୧୩।୧୧(ସମିସ): ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ୨୫ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ ଏକତ୍ର ରାଉରକେଲା ପକ୍ଷରୁ ଆୟୋଜିତ ଦ୍ୱିତୀୟ ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୪ ଆସନ୍ତା ଡିସେମ୍ବର ୨ ତାରିଖରୁ ସିଭିକ୍ ସେଣ୍ଟରଠାରେ ଆୟୋଜିତ ହେବ। ଏହି ବିଶାଳ ନାଟ୍ୟ ମେଳା ଦୀର୍ଘ ୧୧ ଦିନ ଧରି ଚାଲିବରୁ ଥିବାବେଳେ ୧୨ ତାରିଖ ଦିନ ଉଦ୍‌ଯାପିତ ହେବ। ଏଥିରେ ମୋଟ ୧୬ଟି ନାଟ୍ୟ ସଂସ୍ଥା ସେମାନଙ୍କର ନାଟକ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ସଂଧ୍ୟାରେ ସ୍ୱସ୍ତି ଝଙ୍କାରର 'ବିଶ୍ୱାସର ଆତ୍ମଲିପି' ନାଟକ ପ୍ରଦର୍ଶିତ ହେବାର ସ୍ଥିରୀକୃତ ହୋଇଛି। ଏ ନେଇ ସେକ୍ଟର-୭ସ୍ଥିତ ନାୟିକା ଅନୁଷ୍ଠାନର କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କବି ରାଜୀ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଉପଦେଷ୍ଟା ଡା କୃପାସିନ୍ଧୁ ନାୟକ, ନାଟ୍ୟ ମହୋତ୍ସବର ଆବାହକ କୈଳସ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ, ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ସ୍ୱଦେଶ ନାୟକ, କୋଷାଧ୍ୟକ୍ଷ ପ୍ରଜ୍ଞାନନ୍ଦ ମହାନ୍ତି, ଯୁଗ୍ମ ସଂପାଦିକା କନକଲତା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏତଦ୍‌ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ଶରତ ଦାସ, ବିଜୟ ପାତ୍ର, ସରୋଜ ଶଙ୍ଖୁଆ, ପ୍ରଦୀପ ନାୟକ, ପ୍ରଫୁଲ୍ଲ ସେଠୀ, ସୁରେନ୍ଦ୍ର ପାଢ଼ୀ, କଲ୍ୟାଣୀ ଦାସ, ନିତା ଗୋସ୍ୱାମୀ, ସୂର୍ଯ୍ୟକାନ୍ତ ସାହୁ, ଚିନ୍ମୟ ତ୍ରିପାଠୀ, ରାଜ କିଶୋର ମହାନ୍ତି, ଶିଶିର ମୁଦାଲି ପ୍ରମୁଖ ଯୋଗ ଦେଇଥିଲେ।

## ଆର୍‌ଏସ୍‌ପିରେ ପରିବେଶ ସାମାଜିକ ଶାସନ କର୍ମଶାଳା



ରାଉରକେଲା, ୧୩।୧୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଗୋପବନ୍ଧୁ ଅଡିଟୋରିୟମରେ ବୁଧବାର 'ପରିବେଶ, ସମାଜ ଏବଂ ଶାସନ' (ଇଏସଜି) ସମ୍ବନ୍ଧୀୟ ଦିନିକିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗ ଦେଇଥିବାବେଳେ କର୍ମଶାଳାରେ ବୋକରୋ ଷ୍ଟିଲ୍ ଲିମିଟେଡ୍, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ ଏବଂ ଆର୍‌ଏସ୍‌ପିର ୬୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବ୍ୟୁରୋ ଭେରିଟାସ୍ ସାମାଜିକ ଏବଂ ନୈତିକ ଅନୁକରଣ ସ୍ଥାୟୀ ସେବା, ଦକ୍ଷିଣ ଏସିଆ ଅଞ୍ଚଳ ମୁଖ୍ୟ ଡି କେ ଶେଟି ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କାରଖାନାର ବହୁ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର ନିଜର ବକ୍ତବ୍ୟରେ ସପ୍ତଦଶ ଶତାବ୍ଦୀର କୃଷି ଆଧାରିତ ଅର୍ଥନୀତି ଠାରୁ ଆରମ୍ଭ କରି ବିଂଶ ଶତାବ୍ଦୀର ଶିଳ୍ପ ବିପ୍ଳବ ଏବଂ ସଦ୍ୟତମ ଏକବିଂଶ ଶତାବ୍ଦୀ ପ୍ରଯୁକ୍ତି ଚାଳିତ ଏବଂ ଇଏସଜି- କେନ୍ଦ୍ରିତ ବିଶ୍ୱ ଅର୍ଥନୀତିର କ୍ରମ ବିବର୍ତ୍ତନ ବିଷୟରେ ଉଲ୍ଲେଖ କରିଥିଲେ।

ଏହି ଅବସରରେ ଶ୍ରୀ ବର୍ମା ସାମାଜିକ ପ୍ରଭାବ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଅଙ୍ଗାରକ ପଦଚିହ୍ନ ହ୍ରାସ କରିବାର ଅଭିନବ ଉପାୟ ଅନୁସନ୍ଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ଦାୟିତ୍ୱଶୀଳ ସଂସ୍ଥା ପାଇଁ ଫଳପ୍ରଦ ବର୍ଜ୍ୟବସ୍ତୁ ପରିଚାଳନା, ପ୍ରଭାବଶାଳୀ ଉତ୍ସ ପରିଚାଳନା ଏବଂ ଜୈବ ବିବିଧତା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଜୋର ଦେଇଥିଲେ। ଏଚ୍‌ଆର୍ ଏଲ୍ ଆଣ୍ଡ ଡି ବିଭାଗର ସିଜିଏମ୍ ରାଜଶ୍ରୀ ବାନାର୍ଜୀ ତାଙ୍କ ସ୍ୱାଗତ ଅଭିଭାଷଣରେ ସଂଗଠନ ପାଇଁ ଇଏସଜି ଫ୍ରେମୱାର୍କର ମହତ୍ୱ ବିଷୟରେ କହିଥିଲେ। ଏଚ୍‌ଆର୍ ଏଲ୍ ଆଣ୍ଡ ଡି ବିଭାଗର ମ୍ୟାନେଜର ବିନିତା ତିର୍କୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଦିନିକିଆ ଅଧିବେଶନରେ ଶ୍ରୀ ଶେଟୀ ଏବଂ ସେଲ୍‌ଫ ଇଏମ୍‌ଡି ବିଭାଗର ଜିଏମ୍ ରାଖୀ ସେନ୍, ଇଏସ୍‌ଜି କାର୍ଯ୍ୟଧାରା ସହିତ ଜଡ଼ିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଅଂଶଗ୍ରହଣକାରୀଙ୍କ ଦ୍ୱାରା ଅଧିବେଶନ ଶେଷରେ ଏକ କାର୍ଯ୍ୟପନ୍ଥା ଉପସ୍ଥାପିତ ହୋଇଥିଲା।

## ୨୦ରୁ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା



ରାଉରକେଲା, ୧୩।୧୧(ସମିସ): ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆସନ୍ତା ୨୦, ୨୧ ଓ ୨୨ ତାରିଖ ୩ ଦିନ ଧରି ବେଦବ୍ୟାସ ମେଳା ପଡ଼ିଆରେ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ କୃଷି ଜିଲ୍ଲା ଅଧିକାରୀ, ପାନପୋଷଙ୍କ ସଭା ଗୃହରେ ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆବାହକ ତଥା କୃଷି ଜିଲ୍ଲା ଅଧିକାରୀ ଜି ଜୟନ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪-୨୫ ବିଷୟରେ ସବିଶେଷ ବିବରଣୀ ଉପସ୍ଥାପନା କରିଥିଲେ। ଏହି ମେଳା ତିନିଦିନ ସକାଳ ୧୧ ରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଚାଲିବ। ମେଳାରେ କୃଷି ଯନ୍ତ୍ରପାତି ବିକ୍ରୟ କଂପାନୀ, ବିଭିନ୍ନ ବ୍ୟାଙ୍କ, ଓ ସ୍ୱୟଂସହାୟକ ଗୋଷ୍ଠୀ, ଷ୍ଟଲ ସମେତ ମୋଟ ୪୦ଟି ଷ୍ଟଲ ଲାଗିବ। ଏହି ମେଳାକୁ କିପରି ଭାବେ ଶୃଙ୍ଖଳାର ସହିତ ପରିଚାଳନା କରାଯିବା ସହ ଅଧିକରୁ ଅଧିକ ଚାଷୀ କିପରି ଉପକୃତ ହେବେ ସେହି ସମ୍ବନ୍ଧରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସାଂସଦ ପ୍ରତିନିଧି ଦିଲ୍ଲୀପ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କୃଷି) ପରମାନନ୍ଦ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲାର ମୁଖ୍ୟ ବୈଜ୍ଞାନିକ ଜୟନ୍ତ ପତି, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ ଦୁଷ୍ମନ୍ତ ବେହେରା, ଓଡ଼ିଶା କୃଷି ଶିଳ୍ପ ନିଗମ, ସୁନ୍ଦରଗଡ଼ର ଜିଲ୍ଲା ପରିଚାଳକ ସୁବୋଧ ପାଣିଗ୍ରାହୀ, ସହକାରୀ କୃଷି ଯନ୍ତ୍ରୀ ନୀତିଶ କୁମାର, ବ୍ଲକ କୃଷି ଅଧିକାରୀ ସତ୍ୟବ୍ରତ ସାହୁ, ମଞ୍ଜୁବାଳା ନାୟକ, ସୁପ୍ରିୟା ଦାସ, ନାରାୟଣୀ ମେହେର ପ୍ରମୁଖ ଯୋଗଦାନ କରିଥିଲେ।

## ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ହକି ଟୁର୍ଣ୍ଣାମେଣ୍ଟ

ରାଉରକେଲା, ୧୩।୧୧(ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ହକି ଟୁର୍ଣ୍ଣାମେଣ୍ଟ ୨୦୨୪ ରାଉରକେଲା ମ୍ୟୁନିସିପାଲ କଲେଜ ଆନୁକୂଲ୍ୟରେ ସ୍ଥାନୀୟ ପାନପୋଷସ୍ଥିତ ସ୍ପୋର୍ଟ୍ସ ହଷ୍ଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଜି କାଶୀ ବିଦ୍ୟାପୀଠ ବାରାଣସୀ ଓ ଏଚ୍‌ୱାଇଭି ଦୁର୍ଗ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ଏଚ୍‌ୱାଇଭି ବିଶ୍ୱବିଦ୍ୟାଳୟ ୬-୪ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଆର୍‌ଏସ୍‌ଏସ୍ ବିଶ୍ୱବିଦ୍ୟାଳୟ



ରାୟପୁର ଓ ଭିବି ବିଶ୍ୱବିଦ୍ୟାଳୟ ହଜାରିବାଗ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ଭି ବି ବିଶ୍ୱବିଦ୍ୟାଳୟ, ଦୁର୍ଗ ହଜାରିବାଗ ୦-୬ ଗୋଲରେ ବିଜୟୀ ହୋଇଥିଲା। ବିଏଚ୍‌ୟୁ ବାରାଣସୀ ଓ ଏସଏନ୍ ବିଶ୍ୱବିଦ୍ୟାଳୟ ରାୟଗଡ଼ ମଧ୍ୟରେ ତୃତୀୟ ମ୍ୟାଚ୍ ସ୍ଥିର ହୋଇଥିବା ବେଳେ ବିଏଚ୍‌ୟୁ ବାରାଣସୀ ଟିମ୍ ଅନୁପସ୍ଥିତ ଥିଲା। ଫଳରେ ଏସ୍‌ଏନ୍ ବିଶ୍ୱବିଦ୍ୟାଳୟ ରାୟଗଡ଼ ୫-୦ ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ସେହିଭଳି ମଣିପୁର ୟୁନିଭରସିଟି ଓ ଉତ୍କଳ ୟୁନିଭରସିଟି ମଧ୍ୟରେ ମ୍ୟାଚ୍ ସ୍ଥିର ହୋଇଥିବା ବେଳେ ବିଏଚ୍‌ୟୁ ଅନୁପସ୍ଥିତ ଥିବାରୁ ମଣିପୁର ବିଶ୍ୱବିଦ୍ୟାଳୟ ୫-୦ରେ ବିଜୟୀ ଘୋଷିତ ହୋଇଥିଲା।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ରାଉରକେଲା ବିକାଶ ମଞ୍ଚର ଦାବିପତ୍ର ପ୍ରଦାନ

ରାଉରକେଲା, ୧୩।୧୧(ସମିସ): ରାଉରକେଲାକୁ ଆସିଥିବା ରାଜ୍ୟ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ରାଉରକେଲା ବିକାଶ ମଞ୍ଚ ତରଫରୁ ରାଉରକେଲାର ବିକାଶ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ କରିବା ସହ ବିପିୟୁଟିର ସମସ୍ତ କାର୍ଯ୍ୟକ୍ରମ ରାଉରକେଲାରେ କରିବା ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏହି ବିଶ୍ୱବିଦ୍ୟାଳୟ ଦାବି ଦୀର୍ଘ ଦିନର ହୋଇଥିବା ବେଳେ ଗତ ସପ୍ତାହରେ ବିପିୟୁଟିର କାର୍ଯ୍ୟକ୍ରମ ଭୁବନେଶ୍ୱର ଠାରେ କରାଯାଇଥିଲା। ବିପିୟୁଟିର ମୁଖ୍ୟ କାର୍ଯ୍ୟାଳୟ ରାଉରକେଲାରେ ଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଏଠାକାର କାର୍ଯ୍ୟକ୍ରମ ଭୁବନେଶ୍ୱରରେ କରାଗଲା, ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ଏସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଯାଇ ଏଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ରାଉରକେଲା ବିକାଶ ମଞ୍ଚର ସଭାପତି ସୁମନ ଦତ୍ତଙ୍କ ନେତୃତ୍ୱରେ ଉପେନ୍ଦ୍ର କୁମାର ନାୟକ, ମହେନ୍ଦ୍ର ମହାନ୍ତି, ଜଗନ୍ନାଥ ରାଉତ, ଅମୂଲ୍ୟ ଚରଣ ବରାଳ, ସୁପ୍ରତିକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଡିପିଏସ୍ ରାଉରକେଲାରେ କ୍ୟାରିୟର ମେଳା



ରାଉରକେଲା, ୧୩।୧୧(ସମିସ): ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ରାଉରକେଲାରେ ଏକ କ୍ୟାରିୟର୍ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ଭାରତର ଅନେକ ପ୍ରମୁଖ ବିଶ୍ୱବିଦ୍ୟାଳୟର ଅତିଥି ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରମାନଙ୍କୁ ବିଭିନ୍ନ କ୍ଷେତ୍ରରେ କ୍ୟାରିୟର ଗଠନ କରିବା ଦିଗରେ ଡିପିଏସର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା। ଏହି ଅବସରରେ ପ୍ରସିଦ୍ଧ କ୍ୟାରିୟର ପରାମର୍ଶଦାତା ଶଙ୍କର ମୁରଲୀଧରନଙ୍କ ଟେଡ୍ ଟକ୍ ଥିଲା, ଯେଉଁଥିରେ ସେ ଶିକ୍ଷାର ଅନ୍ତରାଳ ଏବଂ ବିଶ୍ୱ ଅବସର ବିଷୟରେ ଉପଦେଶ ଦେଇଥିଲେ। ଏହା ଛାତ୍ରମାନଙ୍କୁ ଭଲ ମଣିଷ ହେବା ପାଇଁ ଚିନ୍ତା କରିବା ଏବଂ ଆତ୍ମବିଶ୍ୱାସରେ ତାଙ୍କର ଭବିଷ୍ୟତ ପରିକଳ୍ପନା କରିବା ପାଇଁ ପ୍ରେରଣା ଯୋଗାଇଥିଲା। ଡିପିଏସ୍ ଅଧ୍ୟକ୍ଷା ଡକ୍ଟର ଜୟା ଚୌହାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ସେମାନଙ୍କ ସଠିକ୍ କ୍ୟାରିୟର ଚୟନ କରିବାରେ ସହାୟତା ପ୍ରଦାନ କରିଥିଲା।

## ଧାମରା ସଂଘ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ



ରାଉରକେଲା, ୧୩।୧୧(ସମିସ): ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀ ରାଉରକେଲା ଗସ୍ତରେ ଆସିଥିବା ବେଳେ ଧାମରା ସଂଘ କାର୍ଯ୍ୟକାରୀ କମିଟିର ସଦସ୍ୟ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସାକ୍ଷାତ କରିଥିଲେ। ଏହି ଅବସରରେ ଆଗାମୀ ୧୪ ଜାନୁଆରୀରେ ସଂଘର ବାର୍ଷିକ ଉତ୍ସବ ଓ ମକର ମିଳନ ସମାରୋହରେ ଅତିଥି ଭାବେ ଯୋଗ ଦେବା ପାଇଁ ସାଧାରଣ ସମ୍ପାଦକ ଭଗବାନ ରାଉତ ଆମନ୍ତ୍ରଣ କରିଥିଲେ। ଏହି ଉତ୍ସବରେ ମନ୍ତ୍ରୀ ଯୋଗ ଦେବେ ବୋଲି ସମ୍ମତି ପ୍ରକାଶ କରିଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତ ବେଳେ କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ମହାନ୍ତ, ଉପସଭାପତି ଉପେନ୍ଦ୍ର ନାୟକ, ନିତ୍ୟାନନ୍ଦ ବିଶ୍ୱାଳ, ସଂଗଠନ ସମ୍ପାଦକ ଶମ୍ଭୁନାଥ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# ରାଉରକେଲାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଉପ ନିର୍ଦ୍ଦେଶିକା

ରାଉରକେଲା, ୧୩।୧୧(ସମିସ)

ସୂଚନା ଓ ଲୋକସମ୍ପର୍କ ବିଭାଗର ଉତ୍ତରାଞ୍ଚଳ ଉପ ନିର୍ଦ୍ଦେଶିକା କଲ୍ୟାଣୀ ଦାଶ ଦୁଇଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଥିବାବେଳେ ବୁଧବାର ରାଉରକେଲା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଉପନିର୍ଦ୍ଦେଶିକା ଭାବରେ ଯୋଗଦାନ କରିବା ପରେ ଏହା ତାଙ୍କର ପ୍ରଥମ ରାଉରକେଲା ଗସ୍ତ। ଏହି ଅବସରରେ ଉପ ନିର୍ଦ୍ଦେଶିକା ଶ୍ରୀମତୀ ଦାଶଙ୍କୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଓ ଅନ୍ୟ କର୍ମଚାରୀମାନେ ସ୍ୱାଗତ କରିଥିଲେ।



ଶ୍ରୀମତୀ ଦାଶ ରାଉରକେଲା କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟର୍, ଫାଇଲ ପତ୍ର ଆଦି ଦେଖିଥିଲେ ଓ କାର୍ଯ୍ୟର ସମୀକ୍ଷା କରିଥିଲେ। ସେ ପ୍ରତ୍ୟେକ କାର୍ଯ୍ୟଗୁଡ଼ିକୁ ସମୟ ସୀମା ମଧ୍ୟରେ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ବଣାଇଁସ୍ଥିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ମଧ୍ୟ କାର୍ଯ୍ୟ ସମୀକ୍ଷା କରିଥିଲେ। ଶ୍ରୀମତୀ ଦାଶଙ୍କୁ ବଣାଇଁ ଓ ରାଉରକେଲା କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବଗତ କରାଇ ଥିଲେ। ସେ ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ସେ ନୂତନ ନିର୍ମିତ ମହାନଗର ଗ୍ରନ୍ଥାଳୟରେ ପରିଚାଳିତ ସୂଚନା କେନ୍ଦ୍ର ତଥା ପାଠାଗାର ଗସ୍ତ କରିଥିଲେ। ଏହି ଅବସରରେ ବଣାଇଁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, କାର୍ଯ୍ୟାଳୟର କର୍ମଚାରୀ ସୁନନ୍ଦା ଦତ୍ତ, ସୌମ୍ୟ ରଞ୍ଜନ ପରିଡ଼ା, ବଦ୍ରିନାଥ ରାଉତ, ଉମା ଅହିର, ପ୍ରଦୀପ ମଲ୍ଲିକ ଉପସ୍ଥିତ ଥିଲେ।

# ସମାଜସେବୀ ବାସୁଦେବ ପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ରାଉରକେଲା, ୧୩।୧୧(ସମିସ): ଗୋପବନ୍ଧୁ ପାଠାଗାରର ସକ୍ରିୟ ସଦସ୍ୟ ସମାଜସେବୀ ବାସୁଦେବ ପାତ୍ରଙ୍କର ୯୨ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାର ମୂଳ ବାସିନ୍ଦା ସ୍ୱର୍ଗତ ପାତ୍ର ରାଉରକେଲା ଇସ୍ପାତ କାରଖାନାରୁ ଅବସର ପରେ ନିଜ ଘର ଛେଣ୍ଡ କଲୋନୀ ଦ୍ୱିତୀୟ ଫେଜ୍ ସି୨ଏଲ୍୨/୯ ରେ ପରିବାର ସହ ରହୁଥିଲେ। ସେ ଛେଣ୍ଡ ସିଟିଜେନ୍ କମିଟି, ବରିଷ୍ଠ ନାଗରିକ ସଙ୍ଘ, ଗୋପବନ୍ଧୁ ପାଠାଗାର ପ୍ରଭୃତି ଅନୁଷ୍ଠାନ ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନରେ ଜଡ଼ିତ ଥିଲେ। ଗୋପବନ୍ଧୁ ପାଠାଗାରର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲେ। କିଛିବର୍ଷ ପୂର୍ବେ ତାଙ୍କ ସହଧର୍ମିଣୀଙ୍କର ଦେହାନ୍ତ ହୋଇଯାଇଛି। ପ୍ରାୟ ଦୁଇ ବର୍ଷ ହେଲା ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ସେକ୍ଟର- ୧୬ରେ ତାଙ୍କର ବୋହୂଙ୍କ ପାଖରେ ରହି ଆଇଜିଏଚ୍‌ରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗୋପବନ୍ଧୁ ପାଠାଗାରରେ ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ୍ତର ଗୋକୁଳାନନ୍ଦ ସାହୁ, ଜ୍ଞାନେନ୍ଦ୍ର କୁମାର ରାୟ, ଗଦାଧର ରଥ, ରବୀନ୍ଦ୍ର କୁମାର ସରାଫ, ସବିତା ସାହୁ, ସୁବାସ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ସଦସ୍ୟ ସ୍ମୃତି ଚାରଣ କରିଥିଲେ। ରାଉରକେଲାରେ ଅନୁପସ୍ଥିତ ଥିବା ଉପସଭାପତି ଗିରିଜା ଶଙ୍କର ଗୋସ୍ୱାମୀ ଆମେରିକାରୁ ଏବଂ କୋଷାଧ୍ୟକ୍ଷ ଲକ୍ଷ୍ମଣ ନାଥ ଦାସ ବେଙ୍ଗାଲୁରୁରୁ ଆଭାସୀ ମାଧ୍ୟମରେ ସ୍ମୃତି ଚାରଣ କରିଥିଲେ। ସଭାରେ ସୁରେନ୍ଦ୍ର କୁମାର ପଣ୍ଡା, କୈଳାସ ଚନ୍ଦ୍ର ସାମଲ, ହରିହର ନାୟକ, ଜଗବନ୍ଧୁ ଜେନା, ଧ୍ରୁବ ଚରଣ ନାୟକ, ଦେବରାଜ ଗଡଡ଼, ଅଶୋକ କୁମାର ଶୁକ୍ଳ, ବିବେକାନନ୍ଦ ଜେନା, ରବୀନ୍ଦ୍ର ନାଥ ସାହୁ, ପ୍ରତାପ ଚନ୍ଦ୍ର ମହାନ୍ତି, ଅତୁଲ କୁମାର ମହାଖୁଡ ପ୍ରମୁଖ ସାମିଲ୍ ହୋଇଥିଲେ।

### ଥାନା ପରିସରରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ବିଜେପି ନେତା ଓ ସହଯୋଗୀଙ୍କ ନାଁରେ ଅଭିଯୋଗ

**ରାଉରକେଲା,୧୩ା୧୧(ସମିସ)**

ସେକ୍ଟର -୧୯ ଥାନା ପରିସରରେ ଜଣେ ଯୁବକଙ୍କୁ ବିଜେପି ଯୁବ ନେତା ଅଙ୍କୁଶ ବର୍ମା, ତାଙ୍କ ଭାଇ ଅଙ୍କିତ ବର୍ମା ଓ ସହଯୋଗୀ ମାନେ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତି ପ୍ରାୟ ଆଠ ଟାରୁ ସାଢେ ୮ଟା ମଧ୍ୟରେ ଏହି ଘଟଣା ଘଟିଥିଲା। ସୂଚନା ମୁତାବକ, ସେକ୍ଟର -୫ ଗୋଲଘର ଠାରେ ବାସ କରିଥିବା ଗଜେନ୍ଦ୍ର ମହାରଣା ଏକ ସଂସ୍ଥାରେ କାର୍ଯ୍ୟ କରନ୍ତି। ତେବେ ସଂସ୍ଥାର କିଛି କର୍ମଚାରୀ ଓ କିଛି ଯୁବକ ପ୍ରୋଜେକ୍ଟ ମ୍ୟାନେଜର ଘର ଠାରେ ବିଭିନ୍ନ ଧମକ ଦେଉଥିବା ଗଜେନ୍ଦ୍ର ସୂଚନା ପାଇଥିଲେ। ତୁରନ୍ତ ସେ ଘଟଣା ସ୍ଥଳରେ ଯାଇ ପହଞ୍ଚି ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ନେଇ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଥାନା ପରିସରରେ ଠିଆ ହୋଇଥିବା ବେଳେ ବିଜେପି ଯୁବ ନେତା ଅଙ୍କୁଶ ବର୍ମା ଓ ସହଯୋଗୀ ମାନେ ପହଞ୍ଚି ଦୁହିଁଙ୍କୁ ଧମକ ଦେଇଥିଲେ। ସେତେବେଳେ ହଠାତ୍ ଅଙ୍କୁଶଙ୍କ ଭାଇ ଅଙ୍କିତ ବର୍ମା, ବଜରଙ୍ଗ ଛତ୍ରି ସମେତ ଅନ୍ୟ ସହଯୋଗୀ ମାନେ ପହଞ୍ଚି ଗଜେନ୍ଦ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହା ଦେଖି ଜଣେ ପୁଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଥାନା ଭିତରକୁ ନେଇ ଯାଇଥିଲେ।

ମାମଲା ଶାନ୍ତ ପଡ଼ିବା ପରେ ପୁଲିସ ଗଜେନ୍ଦ୍ରଙ୍କୁ ଘରକୁ ଯିବାକୁ ପରାମର୍ଶ ଦେଇଥିଲା। ରାତି ପ୍ରାୟ ୧୦ଟା ବେଳେ ଗଜେନ୍ଦ୍ର ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଭର୍ତ୍ତି କରାଇ ଥିଲେ। ତେବେ ଯୁବ ନେତା ଅଙ୍କୁଶଙ୍କ ଭାଇ ଉକ୍ତ ସଂସ୍ଥାରେ କାର୍ଯ୍ୟ କରିଥିଲେ। ହେଲେ କୌଣସି କାରଣବଶତଃ ସଂସ୍ଥା ପକ୍ଷରୁ ତାଙ୍କୁ ଚାକିରିରୁ ବାହାର କରି ଦିଆଯାଇ ଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ଥାନା ପରିସରରେ ଉକ୍ତ ଘଟଣା ହୋଇଥିବା ଦିଗକୁ ଦେଖିଲେ ବିଜେପି ଛତ୍ରଛାୟା ତଳେ ଗୁଣ୍ଡାଗର୍ଦ୍ଦି ବଢ଼ିବାରେ ଲାଗିଛି ବୋଲି କୁହାଯାଉଛି।

## ମରୁଡ଼ି ଘୋଷଣା ଦାବିରେ ତହସିଲଦାରଙ୍କୁ ଦାବିପତ୍ର



**କୁତ୍ରା,୧୩ା୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ସମଗ୍ର ଅଞ୍ଚଳରେ ଅଭାବି ବର୍ଷା ଯୋଗୁଁ ଧାନଚାଷ କ୍ଷତିଗ୍ରସ୍ତ ହୋଇ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲକ୍‌ର କନ୍ଦେଇମୁଣ୍ଡା, ତେଲିଘଣା ଓ ଗୁଲେପଡ଼ା ଗ୍ରାମର ଚାଷୀମାନେ ଏହି ଅଞ୍ଚଳକୁ ମରୁଡ଼ି ଅଞ୍ଚଳ ଘୋଷଣା କରି ଚାଷୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ବୁଧବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କୁତ୍ରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କ ଦାବି ମୁତାବକ ଏ ବର୍ଷ ଚାଷ ଆରମ୍ଭରୁ ବର୍ଷାର ଅଭାବରୁ ଚାଷୀ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲା। ହେଲେ ଚାଷର ଶେଷ ପର୍ଯ୍ୟାୟରେ ଅଭାବି ବର୍ଷା ଯୋଗୁଁ ଧାନ ଗଛଗୁଡ଼ିକ ଲାଲ ରଙ୍ଗ ହୋଇ ଗଛଗୁଡ଼ିକ ମରିଯାଉଅଛି। ବର୍ଷାର ଅଭାବ ଯୋଗୁଁ ଧାନ ପୁଷ୍ଟ ହେବା ବଦଳରେ ପୋଲ ହେବାରେ ଲାଗିଛି। ଚାଷୀ ଧାର କରଜ କରି ଚାଷ କାର୍ଯ୍ୟ କରିଥିବା ବେଳେ ମରୁଡି ଆଶଙ୍କାରେ ନିଜର ଖାଇବା ଓ ଧାର ସୁଝିବାକୁ ନେଇ ଚାଷୀ ଚାପଗ୍ରସ୍ତ ରହୁଅଛି।

ଏଣୁ ସରକାର ଉପଯୁକ୍ତ ତଦନ୍ତ କରି ଏହି ଅଞ୍ଚଳକୁ ମରୁଡି ଘୋଷଣା କରି ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଚାଷୀ ସମୁହ ଦାବୀ କରିଛନ୍ତି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ କନ୍ଦେଇମୁଣ୍ଡା ସରପଞ୍ଚ ସୁଧୀର ମିଞ୍ଜ, ସଚିନ୍ଦ୍ର ଭଇସାଲ, ଚାଷୀ ସତ୍ୟାଧର ନାଏକ, ପୀତାମ୍ବର ନାଏକ, ବିଦ୍ୟାଧର ନାଏକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ସୁନ୍ଦରଗଡ଼,୧୩ା୧୧(ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ ଶଙ୍କରାପୋଷ ନିକଟରେ ଏକ ଚଳନ୍ତା ବାଇକ୍‌ରୁ ଛିଟିକି ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ କାଦୋପଡ଼ା ଗ୍ରାମର ଜାନକୀ କିଡୋ (୩୫) ବୋଲି ଜଣା ପଡ଼ିଛି। ଗତ ୧୦ ତାରିଖରେ ଜାନକୀ ତାଙ୍କ ଭାଇଙ୍କ ସହିତ ବାଇକ୍‌ରେ ଯାଉଥିବା ବେଳେ ଶଙ୍କରାପୋଷ ନିକଟରେ ଥିବା ହମ୍ପସରେ ଗାଡ଼ିଟି ଭାରସାମ୍ୟ ହରାଇବାରୁ ସେ ଛିଟିକୁ ପଡ଼ିଥିଲେ। ଚିକିତ୍ସା ପାଇଁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରା ଯାଇଥିବା ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଅଭିଯୋଗ ପାଇ ପୁଲିସ ବୁଧବାର ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କଲେଜ ଛାତ୍ର ନିଖୋଜ

**ସୁନ୍ଦରଗଡ଼,୧୩ା୧୧(ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗ୍ରାମର ଜଣେ କଲେଜ ଛାତ୍ର ନିଖୋଜ ରହିଥିବା ଅଭିଯୋଗ ହୋଇଛି। ସଂପୃକ୍ତ ନିଖୋଜ ଛାତ୍ରଙ୍କ ନାମ ବିବେକ ନାଏକ (୧୯)। ବିବେକ କିଞ୍ଜିରକେଲା କଲେଜରେ ପାଠ ପଢୁଛନ୍ତି। ତେବେ ଗତ ୬ ତାରିଖରୁ ସେ ଗ୍ରାମର ନିଖୋଜ ରହିଛନ୍ତି। ପରିବାର ଲୋକେ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ବୁଧବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସରକାରୀ ଜମିରେ ଘର ନିର୍ମାଣ ନେଇ ଗୋଷ୍ଠୀ ସଂଘର୍ଷ

**ସୁନ୍ଦରଗଡ଼,୧୩ା୧୧(ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମରେ ସରକାରୀ ଜମିରେ ଘରକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇ ଯାଇଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗ୍ରାମର ଦିପ୍ତୀମୟୀ ବେହେରାଙ୍କ ବାପା ସରକାରୀ ଜମିରେ ଘର ନିର୍ମାଣ କରିଥିଲେ। ତେବେ ସେମାନେ କିଛି ବର୍ଷ ଅନ୍ୟତ୍ର ରହିବା ପରେ ରେବତୀ ବେହେରା ନାମ୍ନୀ ତାଙ୍କ ଜଣେ ସମ୍ପର୍କୀୟ ଉକ୍ତ ଘରକୁ ମାଡ଼ି ବସିଥିଲେ। ଯେତେ ଯାହା କହିଲେ ମଧ୍ୟ ଘର ଛାଡୁ ନ ଥିଲେ। ପରିଶେଷରେ ଉଭୟ ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା | ୭ ବିଭାଗରେ ୩୨୦ ପ୍ରକଳ୍ପ ପ୍ରଦର୍ଶିତ



**ହେମଗିରି,୧୩ା୧୧(ସମିସ):** ହେମଗିରି ବ୍ଲକ୍ କନକତୁରା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟମାନଙ୍କରୁ ୩୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସମସ୍ତ ପ୍ରକଳ୍ପ ମଧ୍ୟରୁ ପ୍ରତିଟି ବିଭାଗର ପ୍ରଥମ ପୁରସ୍କାର ପାଇଥିବା ପ୍ରକଳ୍ପଗୁଡ଼ିକୁ ଜିଲ୍ଲା ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। କାର୍ଯ୍ୟକ୍ରମଟି ହେମଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ କରୁଣାସାଗର ପଟେଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିରୂପେ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟା ମହିମା ସେଠ, ଏବିଇଓ କିଶୋର କୁମାର ଅର୍କ, କପିଳ ଚନ୍ଦ୍ର ଦାସ, କାନକତୁରା ସରପଞ୍ଚ ମଙ୍ଗଳବତି ଓରାମ, ସମିତି ସଭ୍ୟ କିଶୋର ଭୋଇ, ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣାନନ୍ଦ ପଧାନ, ବ୍ଲକ୍ ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲ, ପ୍ରଧାନ ଶିକ୍ଷକ ମୀତ୍ରଭାନୁ ନାଏକ, ଏସ୍ଏମ୍‌ସି ରାଜେଶ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା ଦାୟିତ୍ୱରେ ସୁଶ୍ରୀ ସଙ୍ଗୀତା ପାଢ଼ୀ, ସ୍ୱର୍ଣ୍ଣମୟୀ ଭଇସାଲ ଏବଂ ସୁଶୀଲ ପୋଢ଼ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ ପଧାନ ଆସନ ଅଳଙ୍କୃତ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚନ୍ଦ୍ରଶେଖର ସା ଆସନ ଗ୍ରହଣ କରିଥିଲେ। ସମସ୍ତ ପ୍ରକଳ୍ପ ପ୍ରଦର୍ଶନକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବାବେଳେ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା।

ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କୁନି ଝିଅମାନଙ୍କ ସମ୍ବଲପୁରୀରେକର୍ଡଡ୍ୟାନ୍ସଅତିଥିଙ୍କମାନମୋହିଥିଲା। ସମସ୍ତ ସିଆର୍‌ସିଙ୍କୁ ସମ୍ମାନିତ କରାଯାଇଥିଲା। କାନକତୁରା କ୍ଲଷ୍ଟର ସିଆର୍‌ସି କୁମରମଣି କାଲୋଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଗ୍ରାମବାସୀ ସହଯୋଗ କରିଥିଲେ।

## ନୂଆ ଅଧ୍ୟାୟ ସୃଷ୍ଟି କରିବ 'ବାଏଲ୍ ଉତ୍ସବ୍'

**ସୁନ୍ଦରଗଡ଼,୧୩ା୧୧(ସମିସ):** ସୁନ୍ଦରଗଡ଼ ଇବ୍ ନଦୀ ବାଲି ଶଯ୍ୟାରେ ଚାଲିଥିବା ବିହା ବାଏଲ ଉତ୍ସବର ଷଷ୍ଠ ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ବିହା ବାଏଲ ଉଚ୍ଛବ ଓଡ଼ିଶାର ଉତ୍ସବ ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଛନ୍ତି। ଆୟୋଜନ କମିଟି ସଭାପତି ଡକ୍ଟର ଚିରବ୍ରତ ଦତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମନ୍ତ୍ରୀ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଏହି ଉତ୍ସବ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, (ସାଧାରଣ) ସିନେ ତାରକା ପ୍ରଦୀପ ଦତ, ପୂର୍ବତନ ବିଧାୟକ କୁସୁମ ଟେଟେ, ସାଂସଦ ପ୍ରତିନିଧି ବଟକିଶୋର ମିଶ୍ର, ବିଜେପି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକ ମଂଚାସୀନ ଥିଲେ। କମିଟି ସମ୍ପାଦକ ସଚିନ ବିଶ୍ୱକର୍ମା ଉତ୍ସବ ସମ୍ପର୍କରେ ସୂଚନା ଦେଇଥିବାବେଳେ କୋଷାଧ୍ୟକ୍ଷ ବିଶ୍ୱରଂଜନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବୁଧବାର ସପ୍ତମ ସନ୍ଧ୍ୟାରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବି ନିମାଇଁ ନାଏକ, ଅଶୋକ ଦାଶ, ପୂର୍ବତନ ନଗରପାଳ ରାଜ କିଶୋର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ବିହା ବାଏଲର ଐତିହ୍ୟ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ବିଶ୍ୱରଞ୍ଜନ ହୋତା ମଂଚ ପରିଚାଳନା କରିଥିବା ବେଳେ ଆୟୋଜନ କମିଟି ସଭାପତି ଡକ୍ଟର ଦତ ସ୍ୱାଗତ ଭାଷଣ ଓ ସମ୍ପାଦକ ସଚିନ ବିଶ୍ୱକର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ




**ସୁନ୍ଦରଗଡ,୧୩।୧୧(ସମିସ):** ଦର୍ଲିପାଲିସ୍ଥିତ ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଲେଫ୍ରିପଡ଼ା ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ଏନ୍‌ଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ରାମ ଭଜନ ମଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଟିପିସି ଦର୍ଲିପାଲି ପ୍ରକଳ୍ପର ସହକାରୀ ସାଧାରଣ ପରିଚାଳକ (ମାନବ ସମ୍ବଳ) ପ୍ରତିଭା ସିଂ, ସମୀର ଭଞ୍ଜ, ଲେଫ୍ରିପଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ନୈନା କୁଜୁର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚମ୍ପେଶ୍ୱର ବାଗ ଓ ଦର୍ଲିପାଲି ସରପଞ୍ଚ ନଳିନୀ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୭ଟି ବିଭାଗର ୨୪୦ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବିଚାରକ ଭାବେ ଅଳକା ନାଏକ, ସୋନିଆ ବାଘେଲ, ସାଇ ଶୃତିକା, ଆଞ୍ଚଳ ଅଗ୍ରୱାଲ, ଗୁଡ଼ି ପାଣ୍ଡେ ଓ ଆଦ୍ୟାଶା ବେହେରାଙ୍କ ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚିତ କରିଥିଲେ। ପ୍ରକଳ୍ପ ଗୁଡ଼ିକ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନ ପାଇବ। ଉଦ୍‌ଯାପନୀ ଉତ୍ସବରେ ଲେଫ୍ରିପଡ଼ା ବ୍ଲକ୍ ଅଧ୍ୟକ୍ଷ ନରେଶ ପ୍ରତାପ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନିଲ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବାବେଳେ ବିଜୟଲକ୍ଷ୍ମୀ ନାଏକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାଏକ, ପୂର୍ବତନ ଛାତ୍ର ସଂସଦର ସୁନ୍ଦରମଣି ପଟେଲ ଓ କୁମୁଦ ଚନ୍ଦ୍ର ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ୍‌ର ସମସ୍ତ ସିଆର୍‌ସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ସହଯୋଗ କରିଥିଲେ।

### ଆଇନ ସଚେତନତା କାର୍ଯ୍ୟକ୍ରମ

## 'ଶିକ୍ଷା ବ୍ୟବସ୍ଥାକୁ ପ୍ରତ୍ୟେକଙ୍କ ପାଖରେ ପହଞ୍ଚାଇବା ନାଗରିକଙ୍କ ଦାୟିତ୍ୱ'

**ସୁନ୍ଦରଗଡ଼,୧୩।୧୧(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଶିଖାରାଣୀ ରଥଙ୍କ ତତ୍ତ୍ୱାବଧାନରେ ବନ୍ଧପାଲିସ୍ଥିତ ଟାଙ୍ଗରପାଲି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଡ. ରୀନତି ମିଶ୍ର ଯୋଗଦେଇ ଅଧାରୁ ଶିକ୍ଷାନୁଷ୍ଠାନ ଛାଡୁଥିବା ବିଦ୍ୟାର୍ଥୀମାନଙ୍କର ସଂଖ୍ୟାକୁ କିଭଳି କମ୍ କରାଯାଇ ସୁବିଧା ସୁଯୋଗ ଦିଆଯାଇ ପାରିବ, ସେ ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷା ସମାଜରେ ଜୀବନଧାରଣର ମାନ ବୃଦ୍ଧି କରିବା ସହିତ ସମାଜକୁ ସଠିକ୍ ଦିଗ୍‌ଦର୍ଶନ ଦେଇ ରାଷ୍ଟ୍ରର ଉନ୍ନତି ପଥକୁ ଉନ୍ମୁକ୍ତ କରେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା ବ୍ୟବସ୍ଥା ପ୍ରତ୍ୟେକଙ୍କ ପାଖରେ ପହଞ୍ଚାଇବା ପ୍ରତିଟି ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ସୁନ୍ଦରଗଡ଼ ଉପ ଆରକ୍ଷୀ ଅଧୀକ୍ଷକ ସୋମନାଥ ଜେନା, ଶିକ୍ଷୟିତ୍ରୀ ପୁନମ ଖାଲଖୋ, ନ୍ୟାୟ ରକ୍ଷକ ଅନିଶା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।




## ଶିଳ୍ପାଞ୍ଚଳ ଲେଖକ ସମାଜ ପକ୍ଷରୁ ପୁସ୍ତକ ଆଦାନପ୍ରଦାନ ଦିବସ



**ରାଉରକେଲା,୧୩ା୧୧(ସମିସ):** ଭୀଷ୍ମ ପଞ୍ଚକର ପ୍ରଥମ ଦିବସ ଏକାଦଶୀ ତିଥିରେ ଶିଳ୍ପାଞ୍ଚଳ ଲେଖକ ସମାଜ ପକ୍ଷରୁ ପ୍ରଥମ କରି ପୁସ୍ତକ ଆଦାନ ପ୍ରଦାନ ଦିବସ ପାଳିତ ହୋଇଯାଇଛି। ସଭାପତି ବଳରାମ ଦାସ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ଶାନ୍ତି ତ୍ରିପାଠୀ ଯୋଗ ଦେଇ କହିଥିଲେ ଯେ, ପୁସ୍ତକ ଆଦାନ ପ୍ରଦାନ ହିଁ ସାହିତ୍ୟ ସ୍ରଷ୍ଟାମାନଙ୍କ ଠାରେ ପରିଲକ୍ଷିତ ବଡ଼ ସାନ ପଣିଆକୁ ଦୂର କରି ପାରିବ ଓ ସମାଜରେ ସାହିତ୍ୟ ପ୍ରତି ସ୍ନେହ ବୃଦ୍ଧି କରିବ। ମୁଖ୍ୟବକ୍ତା ଭାବେ କବି ତ୍ରିନାଥ ସିଂହ ଯୋଗ ଦେଇ ଏହାକୁ ଅଭିନବ ପ୍ରୟୋଗ ଭାବେ ନାମିତ କରିବା ସହ ଏହାକୁ ବହୁ ଚିନ୍ତନ ମନନ ପୂର୍ବକ ସୁନ୍ଦର ରୂପ ଦେବାକୁ ପ୍ରସ୍ତାବ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଗୀତି କବି ସମାଜର ସାଧାରଣ ସମ୍ପାଦକ ଭୋଳେଶ୍ୱର ବେହେରା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଶ୍ରୀନାଥ ଚନ୍ଦ୍ର ନାୟକ ଏଭଳି ମହତ୍ ପ୍ରୟାସ ଫଳରେ ପ୍ରତ୍ୟେକ ସାହିତ୍ୟ ସ୍ରଷ୍ଟାଙ୍କୁ ଅକ୍ଳେଶରେ ଜ୍ଞାନୀ ପାଠକ ମିଳିବେ କହିଥିଲେ। ଗାଳ୍ପିକ ସଞ୍ଜୀବ କୁମାର ଭୋଇ, ବ୍ୟଙ୍ଗକବି ବ୍ରଜ ବିହାରୀ ଦାସ, କବି ସୁଶାନ୍ତ ନାଏକ, ବିଜୟ କୁମାର ସେନାପତି, ମୋହନ ସିଂ ପ୍ରୟାସକୁ ଫଳପ୍ରସୂ କରିବାକୁ ଅନେକ ପ୍ରସ୍ତାବ ଦେଇଥିଲେ। ମଞ୍ଜୁଳା ରଥ ଓ ନିର୍ମଳା ମହାପାତ୍ରଙ୍କ ଶୁଭେଚ୍ଛା ପାଠ କରାଯାଇଥିଲା। ଶେଷରେ ଦେବେନ୍ଦ୍ର ବଳ ଧନ୍ୟବାଦ ଦେଇଥିଲେ।

## ଡିପିଏସ୍ ଛାତ୍ରୀ ଇଣ୍ଟର୍ଣ୍ଣସିପ୍ ପାଇଁ ମନୋନୀତ

**ରାଉରକେଲା,୧୩ା୧୧(ସମିସ):** ରାଉରକେଲା ସେକ୍ଟର ୧୪ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲର ୨ଜଣ ଛାତ୍ରୀ ସ୍ୱର୍ଣ୍ଣପ୍ରଭା ବେହେରା ଏବଂ ଆର୍ଯ୍ୟା ସାହୁ ବେଙ୍ଗାଲୁରୁରେ ଆଇଏମ୍ଆଇବି ଫାଉଣ୍ଡେସନ୍, ଆଦିତ୍ୟ ବିର୍ଲା ଫ୍ୟାଶନ୍ ଏବଂ ରିଟେଲ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏକ ସପ୍ତାହବ୍ୟାପୀ ଇଣ୍ଟର୍ଣ୍ଣସିପ୍ ପାଇଁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଭାରତରୁ ଏହି କାର୍ଯ୍ୟକ୍ରମ ପାଇଁ ମୋଟ ୨୦୦ ଜଣ ଅଂଶଗ୍ରହଣକାରୀଙ୍କୁ ଚୟନ କରାଯାଇଥିଲା। ସପ୍ତାହବ୍ୟାପୀ ଚାଲିଥିବା ଏହି ଇଣ୍ଟର୍ଣ୍ଣସିପ୍‌ରେ ସେମାନଙ୍କୁ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ଓରିଏଣ୍ଟେସନ୍ ସେସନ୍, କର୍ମଶାଳା, ଫିଲ୍ଡ ଟ୍ରିପ୍ ଏବଂ ଗ୍ରାମ ଦର୍ଶନ ଭଳି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। 'ରାଜା ଖାଅ' ନାମକ ଏକ ଉଦ୍ୟୋଗୀ ଆନନ୍ଦ ରାଜଙ୍କ ସହିତ ବାର୍ତ୍ତାଳାପ ଓ ଏବିଏଫ୍ଆର୍ଏଲ୍ କାରଖାନାର ଯାତ୍ରା ଏହି କାର୍ଯ୍ୟକ୍ରମର ଆକର୍ଷଣ ହୋଇଥିଲା। ସ୍ୱର୍ଣ୍ଣପ୍ରଭା ଏବଂ ଆର୍ଯ୍ୟା ସେମାନଙ୍କର ଗ୍ରୀନ୍ ପ୍ୟାଚ୍ ଆଡଭ୍ୱନ୍ ଉପରେ ଦିଆଯାଇଥିବା ପ୍ରଭାବଶାଳୀ ଉପସ୍ଥାପନା ପାଇଁ ସ୍ୱୀକୃତି ଲାଭ କରିବା ସହ କାର୍ଯ୍ୟକ୍ରମରେ ସମାନ୍ତର ପୁରସ୍କାର ଅର୍ଜନ କରିଥିବା ସୂଚନା ମିଳିଛି।

# ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ପ୍ରତିଭା ଉନ୍ମୋଚିତ କରୁଛି 'ଉମଙ୍ଗ'

**ସୁନ୍ଦରଗଡ,୧୩।୧୧(ସମିସ)**




ଶିଶୁ ଦିବସ ଉପଲକ୍ଷେ ଏମ୍‌ସିଏଲ୍ ଦ୍ୱାରା ପରିଚାଳିତ ଛଟେନପାଲିସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍‌ଠାରେ 'ଉମଙ୍ଗ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଲେଫ୍ରିପଡ଼ାସ୍ଥିତ ଜୟରାମ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୀନେଶ କୁମାର ସିଂ ଓ ବିଜ୍ଞାନ ଶିକ୍ଷକ ଅନନ୍ତ କୁମାର ପାଣ୍ଡେ ମିଳିତ ଉଦ୍‌ଘାଟନ କରିଥିଲେ। ସଭାରେ ଡିଏଭି ସ୍କୁଲର ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ଉନ୍ମୋଚିତ ହୋଇ ପାରିବ ବୋଲି କହିଥିଲେ। ଏଥିସହ ପାଠ ପଢ଼ା ସାଙ୍ଗକୁ ସେମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ଏଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ରାଉରକେଲାସ୍ଥିତ ଏଏନ୍‌କେଡିଏଭି ପବ୍ଲିକ୍ ସ୍କୁଲର ପ୍ରାକ୍ତନ ମେଧାବୀ ଛାତ୍ର ସନ୍ଦୀପ ପଟେଲ ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ପାଢ଼ୀ ସଭା ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ପୂଜା ରଥ ଧନ୍ୟବାଦ ଦେଇଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ୨୧ ଛାତ୍ରଛାତ୍ରୀ, କଳା ଓ ହସ୍ତକଳା ପ୍ରଦର୍ଶନୀରେ ୨୪ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେହିପରି ଏକକ ନୃତ୍ୟ ପ୍ରତିଯୋଗିତାରେ ୨୧ ଜଣ, ବେଲୁନ୍ ଦୌଡ଼ରେ ୨୩ ଜଣ, ଚକୋଲେଟ୍ ଦୌଡ଼ରେ ୨୮ ପ୍ରତିଯୋଗୀ ଭାଗ ନେଇଥିଲେ। ପରୀକ୍ଷକ ଭାବେ ଶିକ୍ଷକ ଅନନ୍ତ କୁମାର ପାଣ୍ଡେ, ଭବାନୀଶଙ୍କର ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ଯୋଶୀ, ସର୍ଗିପାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ମଞ୍ଜୁଲତା ପଟେଲ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। କଳା ଓ ହସ୍ତକଳା ପ୍ରଦର୍ଶନୀ ତଥା ଏକକ ନୃତ୍ୟ ପ୍ରତିଯୋଗିତାର ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ବ୍ୟାସଦେବ ଗଡ଼ତିଆ ବିଚାରକ ଦାୟିତ୍ୱ ତୁଲାଇ ଥିଲେ। ଶିକ୍ଷକ ରାଜେଶ ଦାଶ ଓ ଶିକ୍ଷୟିତ୍ରୀ ପ୍ରୀତି ବିଶ୍ୱାଳ, କଳା ତଥା ହସ୍ତକଳା ପ୍ରଦର୍ଶନୀ ଶିକ୍ଷୟିତ୍ରୀ ଆୟୁଷୀ ପଟେଲ ଓ ପ୍ରତିଭା ବିଶ୍ୱାଳ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଶିକ୍ଷୟିତ୍ରୀ ସୁଶ୍ରୀ ସାଇନା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଅଳକା ପଲ, ବର୍ଚ୍ଚସ୍ୱିନୀ ପଟେଲ, ପୂଜା ରଥ, ରାଜକମଲ ଯାଦବ, ରେଣୁକା ସାହୁ, ରାକେଶ ପାଣିଗ୍ରାହୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

## ଖଲିଆପାଲିରେ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର

**ଲଛିପୁର, ୧୩।୧୧(ସମିସ):** ସନ୍ଥକବି ଭୀମଭୋଇଙ୍କ ସମାଧି ପୀଠ ସୋନପୁର ବ୍ଲକ ଖଲିଆପାଲି ଭୀମଭୋଇ କଲ୍ୟାଣମଣ୍ଡପରେ ମୁରଲୀକ୍ରିଷ୍ଣା ଫାଉଣ୍ଡେସନ ବିକାଶ ମଲ୍ଟି ସ୍ପେସାଲିଟି ହସ୍ପିଟାଲ ବରଗଡ଼ ଓ ଭୀମଭୋଇ ସମାଧି ଟ୍ରଷ୍ଟଙ୍କ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଟ୍ରଷ୍ଟ ବୋର୍ଡ ସଭାପତି ଛତ୍ରଧାରୀ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ପ୍ରାୟ ଛଅଶହ ଜଣ ପୁରୁଷ ଓ ମହିଳା ନାମ ପଞ୍ଜୀକରଣ ଓ ଚକ୍ଷୁ ବିଭାଗରେ ୧୦୦ଜଣ ପରୀକ୍ଷା କରିଥିଲେ। ସମସ୍ତଙ୍କୁ ମାଗଣାରେ ଔଷଧ ଓ ଚଷମା ଦିଆଯାଇଥିଲା। ଚକ୍ଷୁ ବିଭାଗରେ ୧୦ଜଣଙ୍କ ଅସ୍ତ୍ରୋପଚାର ପାଇଁ ବରଗଡ଼ ବିକାଶ ମଲ୍ଟି ସ୍ପେସାଲିଟି ହସ୍ପିଟାଲରେ ଅସ୍ତ୍ରୋପଚାର କରାଯିବ। ଶିବିରରେ ଡା. ଚମନ ମେନିୟାଁ (ଭେଷଜ), ଡା. ମନାଲି ଡେକାରାଜା (ଚର୍ମ) ଡା. ଡିଲାନା ସାଇବାମ (ଇଏନ୍‌ଟି), ଡା. ରିମି ଖମାରୀ (ଦାନ୍ତ), ଡା. ମହମ୍ମଦ ହସନ ଅକ୍ତର (ଅର୍ଥୋପେଡ଼ିକ) ଓ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟର ଡା. ଅଜିତ ବାରିକ, ଡା. ଦେବବ୍ରତ ତ୍ରିପାଠୀ, ଶୁଶାନ୍ତ କୁଣ୍ଡୁ ଭରତ ପଣ୍ଡା ପ୍ରମୁଖ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୀବ ପଣ୍ଡା, ଜନ୍ମେଜୟ ସ୍ୱାଇଁ, ସତ୍ୟନାରାୟଣ ପୂଝାରୀ, ଯୁବରାଜ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବଗର୍ତ୍ତୀ, ରିଙ୍କୁ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

## ମନରେଗା କାମରେ ଯନ୍ତ୍ରୀଙ୍କ ଅସହଯୋଗ ଅଭିଯୋଗ

ସୁବଳୟା, ୧୩।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ଯନ୍ତ୍ରୀମାନଙ୍କ ଅସହଯୋଗ କାରଣରୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିବା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏବେ ଅଣକୁଶଳୀ ଶ୍ରମିକମାନେ କାମ ନପାଇ ବସି ରହିଥିବା ବେଳେ ମନରେଗା କାର୍ଯ୍ୟ ଠପ୍ ହୋଇଯାଇଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀ ଓ ସମ୍ପାଦକ ସୂର୍ଯ୍ୟନାରାୟଣ ନନ୍ଦଙ୍କ ନେତୃତ୍ୱରେ ସମସ୍ତ ସରପଞ୍ଚ ଅଭିଯୋଗ ଆଣିଥିବାର ଜଣାଯାଇଛି। ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ଭଳି ବୀରମହାରାଜପୁର ବ୍ଲକରେ ମଧ୍ୟ ମନରେଗାର ସଠିକ୍ କାର୍ଯ୍ୟକାରିତା ନେଇ ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ଜିଲ୍ଲାପାଳଙ୍କୁ ସରପଞ୍ଚ ସଂଘର ଅଭିଯୋଗ

ବୀରମହାରାଜପୁର, ୧୩।୧୧(ସମିସ): ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ଗତ ସୋମବାରରେ ହୋଇଥିବା ଯୁଗ୍ମ ଶୁଣାଣି ଶିବିରରେ ସରପଞ୍ଚ ସଂଘର ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ବ୍ଲକ ଇଞ୍ଜିନିୟରିଂ ବିଭାଗ ବିରୋଧରେ ଅଭିଯୋଗ ଆଣିଛନ୍ତି। ଅଭିଯୋଗକ୍ରମେ ବ୍ଲକର ଇଞ୍ଜିନିୟରିଂ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀମାନେ ବ୍ଲକରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ କରିବା ହେତୁ କାର୍ଯ୍ୟଗୁଡ଼ିକ ଅଗ୍ରଗତି କରିପାରୁନାହିଁ। ମନରେଗା କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି। ଜିଲ୍ଲାର ଅନ୍ୟ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମର ତୁଳନାତ୍ମକ ସମୀକ୍ଷା କରିବାକୁ ନିବେଦନ କରିଛନ୍ତି। ତେଣୁ ଅଞ୍ଚଳବାସୀଙ୍କ ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପୂର୍ବକ ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସଂଘର ସଭାପତି ଶ୍ରୀୟା କର୍ମୀ ଓ ସମ୍ପାଦକ ସୂର୍ଯ୍ୟ ନନ୍ଦ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କୁ ଅଭିଯୋଗ କରିଛନ୍ତି।

● ରାଜ୍ୟସ୍ତରୀୟ ମା'ମାୟାବର୍ହା କଲାସୀ କପ କ୍ରିକେଟ

## ଫାଇନାଲରେ ଏମ୍‌ୟୁସିସି ଓ କେନ୍ଦ୍ରାପଡ଼ା

ଲଛିପୁର, ୧୩।୧୧(ସମିସ): ସୋନପୁର ବ୍ଲକ ମୟୁରଉଡାନ ପଞ୍ଚାୟତ ରୁଗୁଡିପାଲି ଖେଳ ପଡ଼ିଆରେ ଚାଲିଥିବା ନବମ ରାଜ୍ୟସ୍ତରୀୟ ମା'ମାୟାବର୍ହା କଲାସୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ଆୟୋଜିତ ଖେଳରେ ଫାଇନାଲକୁ ଏମ୍‌ୟୁସିସି ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ଟିମ୍ ପ୍ରବେଶ କରିଛନ୍ତି। ଆଜିର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ର ପ୍ରଥମ ମ୍ୟାଚ୍ ଇମେଜ୍ ଭଦ୍ରକ ଓ ଏମ୍‌ୟୁସିସି ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଇମେଜ୍ ଭଦ୍ରକ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬୭ ରନ କରିଥିଲା।ଏହାର ଜବାବରେ ଏମ୍‌ୟୁସିସି ଭୁବନେଶ୍ୱର ୬ ଓଭର ୬୮ ରନ କରି ସହଜ ବିଜୟ ହାସଲ କରିଥିଲା।ସେହିପରି ଦ୍ୱିତିୟ ମ୍ୟାଚ୍ କେନ୍ଦ୍ରାପଡ଼ା ଓ ସର୍ବଦ୍ୱୟ ସମ୍ବଲପୁର ମଧ୍ୟରେ ହୋଇଥିଲା। କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ୧୭୨ ରନ କରିଥିଲେ। ଜବାବରେ ସର୍ବଦ୍ୱୟ ସମ୍ବଲପୁର ମାତ୍ର ୭୫ରନ୍ କରିବାକୁ ସକ୍ଷମ ହୋଇଥିଲେ। କେନ୍ଦ୍ରାପଡ଼ା ଟିମ୍‌ର ଟୁଇଁ କାଳିଆଙ୍କ ବିସ୍ଫୋରକ ୬୮ ରନ କରିଥିଲେ। ଆସନ୍ତାକାଲି (ଗୁରୁବାର) ଫାଇନାଲ ମ୍ୟାଚ୍ ଏମ୍‌ୟୁସିସି ଓ କେନ୍ଦ୍ରାପଡ଼ା ଟିମ୍ ମଧ୍ୟରେ ହେବ। ଅତିଥି ଭାବେ ଆଶୋକ ରଣା, କାଳଚାନ୍ଦ୍ ବେହେରା, ସନତ୍ କର୍ଣ୍ଣ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ବୌଦ୍ଧ ବନ ବିଭାଗର ହାତୀ ସୁରକ୍ଷା ପ୍ରସ୍ତୁତ ଏମିତି

# କାମରେ ଆସୁନି ୱାଚ୍ ଟାୱାର; ରହୁନାହାନ୍ତି ଜଗୁଆଳି

**ହରଭଙ୍ଗା, ୧୩।୧୧(ସମିସ):**

ସୁରକ୍ଷିତ ସ୍ଥାନରେ ବାସ କରିବା ବନ୍ୟଜନ୍ତୁଙ୍କ ସମ୍ପୂର୍ଣ୍ଣ ଅଧିକାର ରହିଛି। ହାତୀ ଓ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ପ୍ରସ୍ତୁତ ରହିବାକୁ ବନ ବିଭାଗକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହାତୀ ସୁରକ୍ଷା ଓ ମୃତ୍ୟୁକୁ ନେଇ ମନ୍ତ୍ରୀଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିପାଇଁ ସମସ୍ତ ଅଧିକାରୀଙ୍କୁ ଯତ୍ନଶୀଳ ହେବା ସହ ଜଙ୍ଗଲ ସୁରକ୍ଷା କଡାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ରହିଛି। କିଛି ଦିନ ହେଲା ବଲାଙ୍ଗୀର କଥା କୁହାଯାଉ କି ନରସିଂହପୁର ହେଉ, ଢେଙ୍କାନାଳ, ସମ୍ବଲପୁର ଜିଲ୍ଲାରେ ଦେଖିବାକୁ ଗଲେ ବନ କର୍ମଚାରୀଙ୍କ ଅବହେଳା ପାଇଁ ଆଜି ବି ହାତୀ ମୃତ୍ୟୁ ଘଟଣା ଖବର ଦିନକୁ ଦିନ ଦେଖିବାକୁ ମିଳୁଛି। ସେହିପରି ବୌଦ୍ଧ ଜିଲ୍ଲା କଥା ଦେଖିବାକୁ ଗଲେ ପୂର୍ବରୁ ମଧ୍ୟ ଜଙ୍ଗଲ ଜନ୍ତୁ ଶିକାର କିମ୍ବା ବାଘ ଛାଲ ଜବତ ଏବଂ ହାତୀ ମୃତ୍ୟୁ କଥା ମଧ୍ୟ ଅନେକ ଥର ସାମ୍ନାକୁ ଆସିଥିଲା। ଏପରିକି ଘଟଣାକୁ ନେଇ ସାରା ରାଜ୍ୟ ଚର୍ଚ୍ଚାର ବିଷୟ ଦେଖା ଯାଇଥିଲା। ଗତବର୍ଷ ମଧ୍ୟ ବିଭାଗ କନ୍ଧମାଳ ରେଞ୍ଜରୁ ଏକ ହାତୀକୁ ଧରି କପିଳାସ ପଠାଇଥିଲା; କିନ୍ତୁ ଆବଶ୍ୟକତାଠାରୁ ହାତୀକୁ ଅଧିକ ଟ୍ରଙ୍କୁଲାଇଜ କରାଯାଇଥିବାରୁ ବିଚରା କପିଳାସରେ ଜୀବନ ହରିବାକୁ ପଡ଼ିଥିଲା। ସେ ସମୟରେ ଘଟଣାକୁ ନେଇ ଅନେକ ପ୍ରସଙ୍ଗ ଉଠିଥିଲା। ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ ଧାନ ଅମଳ ହେବାର ସମୟ ଆସିଯାଇଛି। ବିଭିନ୍ନ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣ ପାଇଁ ଜନବସତି ମୁହାଁ ହୋଇଥିବା ବେଳେ ଏହାର ସୁଯୋଗ ନେଇ ଶିକାରୀଙ୍କ ମଧ୍ୟ ସକ୍ରିୟ ରହିଥାନ୍ତି।



ବାବୁଙ୍କ ସେବାରେ ହାତୀ ସୁରକ୍ଷା କର୍ମଚାରୀ

ବିଭିନ୍ନ ରେଞ୍ଜରେ ହାତୀ ସୁରକ୍ଷା ନେଇ ବୌଦ୍ଧ ବନ ବିଭାଗ ପ୍ରସ୍ତୁତ ଅଛି ତ? ନା ଶୋଇଛି ? ଏମିତି ଅନେକ ପ୍ରଶ୍ନ ଉଠୁଛି। ଅନ୍ୟପଟେ ବୌଦ୍ଧ ବନଖଣ୍ଡର ହାତୀ ସୁରକ୍ଷା ଓ ଗଜ ସାଥି ଦାୟିତ୍ୱରେ ଥିବାରୁ କର୍ମଚାର ସର୍ବଦା ବିଭାଗର ବଡ଼ ବଡ଼ ବାବୁଙ୍କ ସେବାରେ ଲାଗିଥିବା ଅଭିଯୋଗ ହେଉଛି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଜଙ୍ଗଲ ମଧ୍ୟରେ ଜଗୁଆଳିଙ୍କ ପାଇଁ ମାଧପୁର ରେଞ୍ଜରେ ଗୋଟିଏ, ବୌଦ୍ଧ ରେଞ୍ଜର ନୂଆପଡ଼ା, ଡମ୍ବରଗାର୍ଡ଼, କନ୍ଧମାଳର ପୁଟୁପୁଟି ଗଡ଼, ଲକ୍ଷ ପର୍ବତ ଆଦି ସ୍ଥାନରେ ୱାଚ ଟାୱାର ନିର୍ମାଣ ହୋଇଛି। ଗୋଟିଏ ଟାୱାର ପାଇଁ ୫ଜଣ କର୍ମଚାରୀ ନିୟୋଜିତ ହେବା ପାଇଁ ନିୟମ ଅଛି। ସମସ୍ତ ଟାୱାରକୁ ଦେଖିଲେ ପ୍ରାୟ ୨୦୦ କର୍ମଚାରୀ ହାତୀଙ୍କ ସୁରକ୍ଷା ପାଇଁ ନିୟୋଜିତ ଥିବା ଅନୁମାନ କରାଯାଉଛି। ଏପରିକି ଏହି କର୍ମଚାରୀମାନେ ସରକାରଙ୍କ ପକ୍ଷରୁ ପ୍ରତ୍ୟକ ମାସରେ ହଜାର ହଜାର ଟଙ୍କା ଦରମା ମଧ୍ୟ ପାଉଛନ୍ତି। ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ୱାଚଟାୱାର ନିର୍ମାଣ କରିଛନ୍ତି; କିନ୍ତୁ କର୍ମଚାରୀମାନେ ବାବୁଙ୍କ କାର୍ଯ୍ୟାଳୟରେ ଦିନ ରାତି ରହୁଛନ୍ତି। କିଏ ଡ୍ରାଇଭର ଭାବେ କାର୍ଯ୍ୟ କରୁଛି ତ କିଏ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରୁଛି। ତେବେ ଉପରିସ୍ଥ ଅଧିକାରୀ ଅଧିକାରୀ ଯାହା ନିର୍ଦ୍ଦେଶ ଦେବେ ତାହା ମାନିବାକୁ ବାଧ ବୋଲି କେତେଜଣ କର୍ମଚାରି କହିଛନ୍ତି।

## କନ୍ଧମାଲ ରେଞ୍ଜ ଅଞ୍ଚଳରେ ହାତୀପଲ

**ଶଗଡ଼ା, ୧୩।୧୧(ସମିସ):** କନ୍ଧମାଳ ରେଞ୍ଜ ଅନ୍ତର୍ଗତ ମଲିକୁଦ ବିଟ ଅଞ୍ଚଳରେ ସନ୍ଧ୍ୟାରେ ଏକ ହାତୀପଲ ଦେଖିବାକୁ ମିଳିଛି। ତେବେ ହାତୀମାନେ ସାହାପିଟା ବାଘରକନା ଦେଇ ରଙ୍ଗିଆବନ୍ଧ ନିକଟରେ ଯାଉଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଲୋକେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ସନ୍ଧ୍ୟା ୬ଘଣ୍ଟା ସମୟରେ ତବଡା ଜଙ୍ଗଲ ନିକଟରେ ହାତୀପଲ ଥିବା ବନବିଭାଗ ସୂଚନା ଦେଇଛି। ଏପଟେ ହାତୀ ଦେଖି ଲୋକେ ଆତଙ୍କିତ ହେବା ସହ ଫସଲ ନଷ୍ଟ କରିଦେବା ଚିନ୍ତାରେ ଚାଷୀ ଓ ଏବେ ଫସଲ ଅମଳ ସମୟ ହୋଇଥିବାରୁ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ଏବେ ବନବିଭାଗ କର୍ମଚାରୀ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି ଓ ଯେମିତି କୌଣସି ଫସଲ ସହ ଧନଜୀବନ ହାନି ନ ହେବ ସେଥିପାଇଁ ବନ କର୍ମଚାରୀ ହାତୀପଲଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବାକୁ ସାଧାରଣରେ ଦାବି ହେଉଛି।

■ ପୁଲିସ ପରିଚୟ ଦେଇ ନିର୍ଦ୍ଧୁମ ଛେଚା ଖାଇଲେ

## ଯୁବକଙ୍କୁ ଗିରଫ କଲା ବୌଦ୍ଧ ପୁଲିସ



ବୌଦ୍ଧ/ହରଭଙ୍ଗା, **୧୩।୧୧(ସମିସ):** ପୁଲିସ ବେଶରେ ଆସି ଲୁଟିଲେ ୪ ଜଣ ଦୁର୍ବୃତ୍ତ। ଧରିଲେ ଲୋକେ ନିର୍ଦ୍ଧୁମ ଛେଚି ପୁଲିସ ଜିମା ଦେଲେ । ସୂଚନା ମତେ ବୌଦ୍ଧ ଆଦର୍ଶ ଥାନା ଚଣ୍ଡୀପୁର ଗ୍ରାମରେ ଲୁଟିବା ପାଇଁ ଯୋଜନା କରିଥିଲେ ଦୁର୍ବୃତ୍ତ । ଘଟଣାସ୍ଥଳରୁ ୩ ଜଣ ଫେରାର ହୋଇଯାଇଥିଲା ବେଳେ ଜଣକୁ ଧରିଲେ ଗ୍ରାମବାସୀ। ଦୁର୍ବୃତ୍ତ ଜଣକ ହେଲେ ବୌଦ୍ଧ ଥାନା ନକୁଆ ନାଳି ଗ୍ରାମର ଶରତ ବେହେରା । ଆଦର୍ଶ ଥାନା ପୁଲିସ ଏନେଇ ତଦନ୍ତ ଜାରି ରଖିଛି । ନକଲି ପୁଲିସ ପୋଷାକ, ନେମ୍ ପ୍ଲେଟ ଓ ପରିଚୟ ପତ୍ର ଜବତ ସହ ମାମଲା ରୁଜୁ ହୋଇ କୋର୍ଟ ପଠାଇ ଦିଆଯାଇଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ରଞ୍ଜିତ ମୁନି ସୂଚନା ଦେଇଛନ୍ତି।

## ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା

**ମନମୁଣ୍ଡା, ୧୩।୧୧(ସମିସ):** ଦେଉଳି (ମନମୁଣ୍ଡା ) ହରିଜନ ପଡ଼ାରେ ୧୬ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ଚତୁର୍ଦ୍ଦଶୀ ଉପଲକ୍ଷେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଶତାଧିକ ମହିଳା ସ୍ଥାନୀୟ ତେଲନଦୀ ରେଲୱେ ଘାଟକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଧରି ଘଣ୍ଟ, ଶଙ୍ଖ ଓ କୀର୍ତ୍ତନ ସହ ଏକ ବିରାଟ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଆସି କଳସ ସ୍ଥାପନ କରିଥିଲେ। ଏଥିରେ କନ୍ଧମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି ମୁଖ୍ୟ ଅତିଥି ଏବଂ ମନମୁଣ୍ଡା ସମିତି ସଭ୍ୟା ତନୁପ୍ରିୟା ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାନୀ ସେନାପତି ନେତୃତ୍ୱ ନେଇଥିଲେ।

ଆନ୍ତଃକ୍ଲବ୍ ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଗ୍ରାମ୍ୟ ବିକାଶ ପରିଷଦ ବିଜୟୀ

**ବୌଦ୍ଧ,୧୩।୧୧(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ୧୧ ତମ ଦିନରେ ପ୍ରଗତି କ୍ଲବ୍ କନ୍ଧମାଳ ଓ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ମଧ୍ୟରେ ମ୍ୟାଚ୍ ହୋଇଥିବା ବେଳେ ଗ୍ରାମ୍ୟ ବିକାଶ ପରିଷଦ ବିଜୟୀ ହୋଇଛି। ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୫ ଓଭରରେ ସମସ୍ତ ୱିକେଟ ହରାଇ ୨୧୬ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ତନୁଷ ଦେ ୪୭ ବଲ୍‌ରୁ ୩୬ ରନ୍, ରାହୁଲ ମେହେର ୩୮ ବଲ୍‌ରୁ ୩୧ ରନ୍ କରିଥିଲେ। ପ୍ରଗତି କ୍ଲବ୍ କନ୍ଧମାଳ ତରଫରୁ ଆଦର୍ଶ ରଣା ୪ଟି ଓ ଯୋଗେଶ ରାଜ ୩ଟି ୱିକେଟ ନେଇଥିଲେ। ଦ୍ୱିତୀୟ ଇନିଂସରେ ପ୍ରଗତି କ୍ଲବ୍ ୧୬ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୩ ରନ୍ କରିପାରିଥିଲା। ଫଳରେ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ଦଳ ୧୨୩ ରନ୍‌ରେ ବିଜୟୀ ହୋଇଥିଲା। ଦଳ ତରଫରୁ ସୀତାରାମ ବାରିକ ୧୪ ବଲ୍‌ରୁ ୨୩ ରନ୍ ଓ ଖଗେଶ୍ୱର ମେହେର ୧୭ ବଲ୍‌ରୁ ୧୯ ରନ୍ କରିଥିଲେ। ଜହ୍ନାପଙ୍କ ଦଳ ତରଫରୁ ରାମକୃଷ୍ଣ ପାଳ ୬ଟି ଓ ତନୁଷ ଦେ ୨ଟି ୱିକେଟ ନେଇଥିଲେ। ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ରାମକୃଷ୍ଣ ପାଳ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ମ୍ୟାଚ୍‌କୁ ରଞ୍ଜିତ କୁମାର ଚାନ୍ଦ ଓ ସ୍ୱାଧୀନ ବେହେରା ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱ ସ୍ୱାଗତ ଦେହୁରୀ ତୁଲାଇଥିଲେ। ବୁଧବାର ପ୍ରଗତି କ୍ଲବ୍ କନ୍ଧମାଳ ଓ ଜୟ ଭୈରବୀ କ୍ଲବ୍ ବୌଦ୍ଧ ମଧ୍ୟରେ ମ୍ୟାଚ ହେବ।



## ସନ୍ଧ୍ୟାହେଲେ ହାତୀପଲଙ୍କ ଉପଦ୍ରବ

**ବିନିକା, ୧୩।୧୧(ସମିସ):** ବର୍ତ୍ତମାନ ଜମିରେ ପାଚିଲା ଧାନ ଫସଲ କେଣ୍ଡା କେଣ୍ଡା ହୋଇ ଦୋହଲୁଛି। ଅମଳ ଫସଲକୁ ଦେଖି ଚାଷୀ ମୁହଁରେ ହସ ଫୁଟିଛି। ବିଗତ ବର୍ଷ ମାନଙ୍କ ଅପେକ୍ଷା ଚଳିତ ବର୍ଷ ଧାନ ଉତ୍ପାଦନ ଅଧିକ ହେବ ବୋଲି ଚାଷୀ ଆଶା ରଖିଛି। ଆଉ ୮/୧୦ଦିନ ଗଲାପରେ ଜମିରୁ ଧାନ ଉଠିବ। କିନ୍ତୁ ଏହି ସମୟରେ ଜଙ୍ଗଲି ହାତୀ ଉପଦ୍ରବ ଚାଷୀର ଅବସ୍ଥାକୁ ସାଙ୍ଘାତିକ ଆଡ଼କୁ ଟାଣି ନେଇଥାଏ। କାରଣ ମହାନଦୀ ଆରପଟ ଉଲୁଣ୍ଡା ଜଙ୍ଗଲରୁ ହାତୀପଲ ନଦୀ ପାରି ହୋଇ ଏବଂ ଲଛିପୁର ଜଙ୍ଗଲରୁ ବିନିକା ପଟକୁ ଆସିଥାନ୍ତି। ଗତ ୪ଦିନ ତଳେ ସନ୍ଧ୍ୟାରେ ୪ଘରିଆ ବଣୁଆ ହାତୀ ବିନିକା ଅଙ୍ଗନଦୀ ମୁହାଁଣ ଦେଇ ଆସି ମହାନଦୀ ପାରି ହୋଇ ଉଲୁଣ୍ଡା ପଟକୁ ଯାଇ। ହେଲେ ୨ଟି ହାତୀ କୌଣସି ପ୍ରକାରରେ ଯାଇ ନପାରି ରହିଯାଇଥିଲେ। ସେମାନଙ୍କୁ ଘଉଡ଼ାଇବା ନେଇ ବିଦ୍ୟୁତ୍ କିଛି ଘଣ୍ଟା ଧରି ବିଚ୍ଛିନ୍ନ ରହିଁଥିଲା। ବଣୁଆ ହାତୀ ସେହି ରହଣି ସମୟ ଚାଷ ଜମିର ଧାନ ମଧ୍ୟ ଖାଇଗଲେ। ପ୍ରାୟ ୭/୮ଘଣ୍ଟା ଧରି ହାତୀ ପଲ ରହିଥିଲେ।ହାତୀଙ୍କ ଯୋଗୁଁ ସେହିଦିନ ବିନିକା ସୋନପୁର ମୁଖ୍ୟ ରାସ୍ତାରେ ସାଧାରଣ ଲୋକଙ୍କ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଚାଷୀ ନିଜର ଶସ୍ୟକୁ ବଞ୍ଚାଇବା ପାଇଁ ନିଆଁ ଜାଳି ଅନିଦ୍ରା ରହିଥିଲା। ବନ ବିଭାଗର କର୍ମଚାରୀ ପହଞ୍ଚି ହାତୀପଲ ଯେପରି ଗାଁ ମୁହାଁ ନହେବେ ସେନେଇ ତାଙ୍କ ଗତିପଥକୁ ନିରୀକ୍ଷଣ କରି ବିଭିନ୍ନ ସ୍ଥାନରେ ଲୁଚିରହି ଲାଇଟ ପକାଇ ଘଉଡାଇ ଥିଲେ। ଅନ୍ୟପକ୍ଷରେ ହାତୀ ଚଲାପଥ ସ୍ଥାନରେ ବିଭାଗୀୟ ତରଫରୁ ସୂଚନା ଫଳକ ଦିଆଯାଇ ନଥିବାରୁ ଲୋକେ ହାତୀଙ୍କ ଆସିବା ପଥ ଜାଣିବା ନେଇ ବଞ୍ଚିତ। ଯାହାକି କୌଣସି ବଡ଼ ଅଘଟଣ ଘଟିଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



## ଶ୍ରୀମଦ୍ ଭାଗବତ ପାରାୟଣ



ବୀରମହାରାଜପୁର, ୧୩।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ମହକୁମା ଠାରେ ଅବସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବ୍ରହ୍ମଣଙ୍କ ଦ୍ୱାରା ଶ୍ରୀମଭାଗବଦ୍ ପାରାୟଣ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ଏକାଦଶୀ ବ୍ରତ ପାଳନ କରୁଥିବା ବ୍ରତୀଙ୍କ ଦ୍ୱାରା ଆୟୋଜିତ ଦ୍ୱାଦଶୀ ତିଥିରେ ବ୍ରତ ଉଦ୍‌ଯାପନୀ ଉପଲକ୍ଷେ ପାରାୟଣ ପର୍ବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ପର୍ବରେ ଯାଗ, ଯଜ୍ଞ, ହୋମ, ପାରାୟଣ ଆଦି ଆନୁଷଙ୍ଗିକ କାର୍ଯ୍ୟ କରାଯାଇଥାଏ।ବ୍ରାହ୍ମଣଙ୍କୁ ନିମନ୍ତ୍ରଣ ପୂର୍ବକ ସେମାନଙ୍କ ପାଦ ଧୌତ କରି ଆସନ ଅର୍ପଣ କରାଯାଇଥିଲା। ଭାଗବତ ପ୍ରଥମରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ଏବଂ ତା ସହିତ ଗୀତା ଆବୃତ୍ତି ପାଇଁ ପୁସ୍ତକ ଅର୍ପଣ କରି ପାଠ ପାଇଁ ଅନୁରୋଧ କରାଯାଇଥିଲା।

# ଉଚ୍ଚ ଅଧିକାରୀଙ୍କ ରେଳପଥ ନିରୀକ୍ଷଣ

**ବୌଦ୍ଧ, ୧୩।୧୧(ସମିସ):**



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ନିର୍ମାଣାଧୀନ ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିବା ପାଇଁ ବୌଦ୍ଧ ଏବଂ ପୁରୁଣାକଟକ ମଧ୍ୟରେ ନୂତନ ଭାବେ ନିର୍ମିତ ରେଳ ଲାଇନର ନିରୀକ୍ଷଣ କରିଛନ୍ତି। ଓଡ଼ିଶାର ଉପାନ୍ତ ତଥା ଆକାଂକ୍ଷୀ ଅଞ୍ଚଳରେ ରେଳ ସଂଯୋଗକୁ ସୁଦୃଢ଼ କରିବାକୁ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଠିକ ସମୟରେ ସମାପ୍ତି ସୁନିଶ୍ଚିତ କରିବା ଦିଗରେ ଏହି ନିରୀକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନିର୍ମାଣ ୟୁନିଟ୍ ଦ୍ୱାରା ବୌଦ୍ଧ ଏବଂ ପୁରୁଣାକଟକ ମଧ୍ୟରେ ନୂତନ ନିର୍ମିତ ଟ୍ରାକ୍‌ରେ ଇଞ୍ଜିନ ଗଡ଼ିବା ଏବଂ ପରୀକ୍ଷଣ ସଫଳତାର ସହିତ ସମାପ୍ତ ହୋଇସାରିଛି। ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ମୋଟ ୩୦୧ କିଲୋମିଟର ଦୈର୍ଘ୍ୟ ମଧ୍ୟରୁ ଏପର୍ଯ୍ୟନ୍ତ ୨୨୬ କିଲୋମିଟରର କାର୍ଯ୍ୟ ଶେଷ ହୋଇଛି। ତନ୍ମଧ୍ୟରୁ ୧୯୯ କିଲୋମିଟର କାର୍ଯ୍ୟକ୍ଷମ ହୋଇସାରିଛି। ପୁରୁଣାକଟକ ଏବଂ ବୌଦ୍ଧ ମଧ୍ୟରେ ୨୭ କିଲୋମିଟର ଦୂରତା ସମାପ୍ତ ହେବା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ପୁରୁଣାକଟକ ଏବଂ ଚମ୍ପାପୁର ମଧ୍ୟରେ ନୂତନ ଭାବେ ନିର୍ମିତ ରେଳ ଷ୍ଟ୍ରେଚରେ ୯ଟି ପ୍ରମୁଖ ସେତୁ, ୨ଟି ରୋଡ୍ ଓଭର ବ୍ରିଜ୍, ୧୫ଟି ରୋଡ୍ ଅଣ୍ଡର ବ୍ରିଜ୍ ଏବଂ ୩୫ଟି ଛୋଟ ବ୍ରିଜ୍ ଅନ୍ତର୍ଭୁକ୍ତ; ଯାହା ନିରାପଦ ଏବଂ ଦକ୍ଷ ରେଳ ଚଳାଚଳ ପାଇଁ ଅପରିହାର୍ଯ୍ୟ। ବଡ ଦୈର୍ଘ୍ୟର ଅଂଶ ଭାବରେ ବୌଦ୍ଧଠାରୁ ଚମ୍ପାପୁର ପର୍ଯ୍ୟନ୍ତ ରେଳ ଲାଇନ ସେକ୍ସନରେ ନିର୍ମାଣ କାର୍ଯ୍ୟ ୨୦୨୪ ମେ ରେ ଶେଷ ହୋଇଥିଲା। ଅବଶିଷ୍ଟ ବିଭାଗରେ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ନିର୍ମାଣ କାର୍ଯ୍ୟର ସମାପ୍ତିକୁ ତ୍ୱରାନ୍ୱିତ କରିବାକୁ ପ୍ରକଳ୍ପର ଉଚ୍ଚାଭିଳାଷୀ ସମୟସୀମା ପାଳନ କରିବା ସୁନିଶ୍ଚିତ କରି ଏକକାଳୀନ ଉଭୟ ପ୍ରାନ୍ତରୁ କାର୍ଯ୍ୟ ଚାଲୁରହିଛି। ସମୁଦାୟ ୩୦୧ କିଲୋମିଟର ମଧ୍ୟରୁ ପୁରୁଣାକଟକ ଏବଂ ଦଶପଲ୍ଲା ମଧ୍ୟରେ ଅବଶିଷ୍ଟ ୭୫ କିଲୋମିଟର ରେଳ ସେକ୍ସନ ଯାହା ଘଞ୍ଚ ଜଙ୍ଗଲ ଏବଂ ଅଭୟାରଣ୍ୟ ମଧ୍ୟରେ ଗତି କରୁଛି। ସେଥିରେ ଟନେଲ ନିର୍ମାଣର କଠିନ କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହି ଟନେଲ ଗୁଡିକର ସମାପ୍ତି ପ୍ରକଳ୍ପ ପାଇଁ ଏକ ପ୍ରମୁଖ ସଫଳତା ହେବ ବୋଲି ଆଶା କରାଯାଉଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ପରିବହନ ତଥା ଅର୍ଥନୈତିକ ବିକାଶକୁ ବିଶେଷ ଭାବରେ ଓଡ଼ିଶାର ଅଧିକ ଉପାନ୍ତ ତଥା ଆକାଂକ୍ଷୀ ଅଞ୍ଚଳରେ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛି। ପ୍ରମୁଖ ସହର ସହିତ ସଂଯୋଗକୁ ଉନ୍ନତ କରି ଏହି ରେଳ ଲାଇନ ଟ୍ରେନ୍ ଯାତାୟାତକୁ ସୁଗମ କରିବା ସହିତ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ। ଶ୍ରୀ ଫୁଙ୍କୱାଲ ଯାଞ୍ଚ ସମୟରେ ନିର୍ମାଣର ଗତିଧାରା ବଜାୟ ରଖିବା ଏବଂ ସମସ୍ତ ପ୍ରସ୍ତାବିତ ଷ୍ଟେସନରେ ଆବଶ୍ୟକ ଯାତ୍ରୀ ସୁବିଧା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କଠିନ ଭୂମି, ବିଶେଷକରି ଟନେଲ ଥିବା ରେଳ ସେକ୍ସନରେ ଇଂଜିନିୟରିଂ ଆହ୍ୱାନ ସତ୍ତ୍ୱେ ଏହି ପ୍ରକଳ୍ପ ଠିକ ସମୟରେ ଶେଷ ହେବ। ରେଳ ସୁରକ୍ଷା ଆୟୁକ୍ତଙ୍କ ସଫଳ ନିରୀକ୍ଷଣ ଓ ତାଙ୍କର ଅନୁମତି ପାଇବା ପରେ ଏବଂ ଆନୁସଙ୍ଗିକ ଭିତ୍ତିଭୂମି ତଥା ଯାତ୍ରୀ ସୁବିଧା ଗୁଡିକର କାର୍ଯ୍ୟ ସମାପ୍ତ ହେବା ପରେ ନୂତନ ଭାବେ ନିର୍ମିତ ରେଳ ସେକ୍ସନ ଗୁଡ଼ିକରେ ଟ୍ରେନ୍ ସେବା ଚଳାଇବାକୁ ନିଷ୍ପତ୍ତି ନିଆଯିବ। ନିୟମିତ କାର୍ଯ୍ୟ ପାଇଁ ଟ୍ରାକର ଫିଟନେସ୍ ସୁନିଶ୍ଚିତ କରିବାକୁ ଏକ ହାଲୁକା ଇଞ୍ଜିନ୍ ଟ୍ରାଏଲ୍ ରନ୍ ପୂର୍ବରୁ ପରୀକ୍ଷଣ କରାଯାଇଛି। ଏହି ପ୍ରକଳ୍ପ ଅଗ୍ରଗତି ଜାରି ରଖିଥିବା ବେଳେ ରେଳ ସଂଯୋଗୀକରଣ ବୃଦ୍ଧି ତଥା ଓଡ଼ିଶାରେ ଅର୍ଥନୈତିକ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ।

### ମରଣଯନ୍ତା ପାଲଟିଛି କେଉଟିପାଲି-ଫେରିଘାଟ ରାସ୍ତା

# ରାସ୍ତା ମରାମତି ପାଇଁ ଦାବି



**ସୁବଳୟା, ୧୩।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅଧୀନ କେଉଟିପାଲି-ଫେରିଘାଟ ରାସ୍ତା ମରଣଯନ୍ତା ପାଲଟିଛି ବୋଲି ଅଭିଯୋଗ ହେଉଛି। ଏହି ରାସ୍ତା ଉପରେ ପ୍ରତ୍ୟକ ଦିନ ବହୁ ଲୋକ ଯିବାଆସିବା କରିଥାନ୍ତି। ଏହା ପିଡବ୍ଲୁଡି ରାସ୍ତାରୁ କେଉଟିପାଲି ଗ୍ରାମକୁ ସଂଯୋଗ କରିଥାଏ। ଉକ୍ତ ରାସ୍ତାଟି ଶୋଚନୀୟ ଓ ବିପଦପୂର୍ଣ୍ଣ ହୋଇଥିବାରୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଜରୁରୀକାଳୀନ ଗାଡ଼ି ଯିବାଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ନଜର ରହିଛି। ମହାନଦୀ କୂଳରେ ଅବସ୍ଥିତ କେଉଟିପାଲି ଗ୍ରାମରେ ସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ଗୋଟିଏ ୱାର୍ଡର ଜନବସତି ରହିଆସୁଛନ୍ତି। ରାସ୍ତା ଶୋଚନୀୟ ହୋଇଥିବାରୁ ବିଭିନ୍ନ ସମୟରେ ଜରୁରୀକାଳୀନ ଗାଡ଼ି ଉକ୍ତ ଗ୍ରାମକୁ ଯାଉନଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ମରାମତି ହେଉ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫେରିଘାଟ ନିକଟରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ ପାଇଁ ବହୁ ଦିନରୁ ଦାବି ହେଉଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ସମ୍ଭବପର ହୋଇପାରୁନାହିଁ। ଉକ୍ତ ରାସ୍ତା ଦେଇ ପଡ଼ୋଶୀ ଜିଲ୍ଲା ବୌଦ୍ଧ, ବାଉଁଶୁଣି, ସାହାଜପାଲ, ତାଲେଶରଡ଼ା, ପଲଶପାଟ, କଙ୍କଳା, ଡମ୍ବୁରୁଗାଡ଼, ମାନେଶ୍ୱର ଓ ତେନ୍ତୁଳିପାଲି ପ୍ରଭୃତି ଗ୍ରାମକୁ ଲୋକେ ଯିବାଆସିବା କରିଥାନ୍ତି। ସ୍ଥାନୀୟ ଗ୍ରାମବାସୀମାନେ ଉକ୍ତ ରାସ୍ତାକୁ ଆଗରୁ ଅନେକ ଥର ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ରାସ୍ତା ଉପରେ ମୁଠାଏ ମାଟି ପଡ଼ି ପାରିନାହିଁ। ଯାହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଲୋକଙ୍କ ଗମନାଗମନ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

